بِسْمِ اللّٰهِ الرَّحْمٰنِ الرَّحِيْمِ  نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ  وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 6

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା 37-38

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

16-23 ସେପ୍ଟେମ୍ବର 2021 16-23 ତବୁକ୍ 1400 ହି.ଶ 08-15 ସଫର 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَاِذَا سَمِعُوْا مَاۤ اُنْزِلَ اِلَى الرَّسُوْلِ تَرٰۤى اَعْيُنَهُمْ تَفِيْضُ مِنَ الدَّمْعِ مِمَّا عَرَفُوْا مِنَ الْحَقِّ ۚ يَقُوْلُوْنَ رَبَّنَاۤ اٰمَنَّا فَاكْتُبْنَا مَعَ الشّٰهِدِيْنَ (المائدہ:84)

ଅନୁବାଦ- ଏବଂ ଏହି ରସୁଲଙ୍କ ନିକଟରେ ଯାହା ଅବତୀର୍ଣ୍ଣ ହୋଇଛି ତାହାକୁ ଯେତେବେଳେ ସେମାନେ ଶୁଣନ୍ତି (ସେତେବେଳେ) ତୁମ୍ଭେ ଦେଖିବ ଯେ ଯେଉଁ ସତ୍ୟକୁ ସେମାନେ ଚିହ୍ନି ପାରିଛନ୍ତି ସେଥିଯୋଗୁଁ ସେମାନଙ୍କ ଆଖିରୁ ଲୁହ ଝରୁଛି; (ଏବଂ) ସେମାନେ କହନ୍ତି, ''ହେ ଆମମାନଙ୍କର ପାଳନକର୍ତା ! ଆମେମାନେ ବିଶ୍ୱାସ କରିଅଛୁ; ସୁତରାଂ ଆମମାନଙ୍କ ନାମ ସାକ୍ଷୀମାନଙ୍କ ସହିତ ଲିପିବଦ୍ଧ କରିନିଅ ।'' *(ଅଲ୍‌ମାଇଦା: ୮୪)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ମଣିଷ ଜୀବନର ଉଦ୍ଦେଶ୍ୟ ଓ ଅଭିପ୍ରାୟ ସିରାତେ ମୁସ୍‌ତକିମ୍ ଉପରେ ପରିଚାଳିତ ହେବା ଓ ତାକୁ ପାଇବା ପାଇଁ ଇଚ୍ଛା କରିବା । ତେଣୁ ଏହି ସୁରଃର ନିମ୍ନଲିଖିତ ବାକ୍ୟରେ ଏପରି ବର୍ଣ୍ଣନା କରାଯାଇଅଛି ଯେ: ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍- ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍ ଅର୍ଥାତ- (ହେ) ଅଲ୍ଲାଃ ଆମକୁ ସିଧା ରାସ୍ତା ଦେଖାଅ- ସେହି ଲୋକମାନଙ୍କ (ରାସ୍ତା) ଯେଉଁମାନଙ୍କ ଉପରେ ତୁମ୍ଭର ପୁରସ୍କାର ହୋଇଥିଲା ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ଈଶ୍ୱରଙ୍କ ପ୍ରେମ ଏବଂ ଅନୁଗ୍ରହ

ପ୍ରେମ ହେଉଛି ଏପରି ଏକ ଜିନିଷ ଯାହା ମଣିଷର ନିମ୍ନମାନର ଜୀବନକୁ ଜଳାଇ ତାକୁ ଗୋଟିଏ ନୂଆ ଓ ସ୍ୱଚ୍ଛ ମଣିଷ ବନାଇ ଦିଏ । ପୁଣି ସେ ତାହା ଦେଖିଥାଏ ଯାହା ପୂର୍ବରୁ ଦେଖୁନଥିଲା, ସେ ତାହା ଶୁଣିଥାଏ ଯାହା ପୂର୍ବରୁ ଶୁଣୁନଥିଲା । ଅତଏବ ଖୁଦାତାଲା ମନୁଷ୍ୟ ପାଇଁ କୃପା ଓ ଅନୁଗ୍ରହର ଯାହା କିଛି ଜିନିଷ ପ୍ରସ୍ତୁତ କରି ରଖିଛି, ତାହା ହାସଲ କରିବା ପାଇଁ ଓ ସେଥିରୁ ଲାଭ ଉଠାଇବା ପାଇଁ ଶକ୍ତି ଓ ସାମର୍ଥ୍ୟ ମଧ ପ୍ରଦାନ କରିଛି । ଯଦି ସେ ସାମର୍ଥ୍ୟ ତ ଦେଇଥାନ୍ତା କିନ୍ତୁ ( ତା'ପାଇଁ) ଜିନିଷ ଯଦି ନଥାନ୍ତା ତାହେଲେ ଏହା ଗୋଟିଏ ତ୍ରୁଟି ଓ ଦୋଷ ହୋଇଥାନ୍ତା । ସେହିପରି ଜିନିଷ ତ ଥାନ୍ତା କିନ୍ତୁ ଶକ୍ତି ଓ ସାମର୍ଥ୍ୟ ନଥାନ୍ତା । କିନ୍ତୁ ନୁହେଁ, ଏକଥା ନୁହେଁ । ସେ ଶକ୍ତି ଓ ସାମର୍ଥ୍ୟ ଦେବା ସହିତ ତା ପାଇଁ ସାମଗ୍ରୀ ବି ଉପଲବ୍ଧ କରିଛି ଯେଉଁଭଳି ଗୋଟିଏ ପଟେ ରୁଟିର ସବୁ ସାମଗ୍ରୀ ରଖିଥିବା ସ୍ଥଳେ ଓ ଅପର ପଟେ ଆଖି, ଜିହ୍ୱା, ଦାନ୍ତ ଏବଂ ପେଟ ଦେଇଅଛି ଏବଂ ଯକୃତ ଓ ଅନ୍ତନଳୀକୁ କାମରେ ଲଗାଇ ଦେଇଛି । ଏହି ସମସ୍ତ କାର୍ଯ୍ୟର ଆଧାର ଖାଦ୍ୟ ଉପରେ ରଖି ଦିଆଯାଇଅଛି । ଯଦି (ପେଟ) ଭିତରକୁ କିଛି ନ ଯିବ ତା'ହେଲେ ହୃଦୟରେ ରକ୍ତ କେଉଁଠୁ ଆସିବ । କେଲୁସ୍ କେମିତି ତିଆରି ହେବ ।

ଏହିପରି ସର୍ବପ୍ରଥମେ ସେ ଏହି କୃପା କଲେ ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଇସ୍‌ଲାମ୍ ଭଳି ଏକ ସମ୍ପୂର୍ଣ୍ଣ ଧର୍ମ ଦେଇ ପ୍ରେରଣ କଲେ ଏବଂ ତାଙ୍କୁ ଖାତମୁନ୍ ନବୀୟିନ୍ ଅଭିହିତ କଲେ ଏବଂ ପବିତ୍ର କୁର୍‌ଆନ୍ ଭଳି ପୂର୍ଣ୍ଣ/ସିଦ୍ଧ ଓ ଶ୍ରେଷ୍ଠ ପୁସ୍ତକ ପ୍ରଦାନ କଲେ । ଏବେ କୟାମତ୍ ପର୍ଯ୍ୟନ୍ତ ନା କୌଣସି ପୁସ୍ତକ ଆସିବ ଓ ନା କୌଣସି ନୂଆ ନବୀ ଶରିୟତ୍ (ଧର୍ମ ବିଧାନ) ଧରି ଆସିବେ । ପୁଣି ଚିନ୍ତା ଓ ବିଚାର କରିବାରେ ଯେଉଁ ଶକ୍ତି ମିଳିଛି, ସେଥିରୁ ଯଦି ଆମେ କାମ ନ ନେବା ଓ ଖୁଦାତାଲାଙ୍କ ଆଡ଼କୁ ପାଦ ନ ଉଠାଇବା ତା'ହେଲେ କେଡ଼େ ଆଳସ୍ୟତା, ଶିଥିଳତା ଏବଂ ଅକୃତଜ୍ଞତା ହେବ ।

ଧ୍ୟାନ ଦିଅ ଯେ ଅଲ୍ଲାଃ ତାଲା ଏହି ପ୍ରଥମ ସୁରଃରେ ଆମ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

## ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ଓ୍ୱ ଇନ୍ନା ଲହୁ ଲହାଫିଜୁନା ଏହି ଆୟତଟି ଇସ୍‌ଲାମ୍‌ର ସତ୍ୟତା ନିମନ୍ତେ ଏକ ବଳିଷ୍ଠ ପ୍ରମାଣ

**ପବିତ୍ର କୁର୍‌ଆନ୍ ଅଲ୍ଲାଃଙ୍କ ନିକଟରୁ ଆସିଥିବାର ଏହା କେଡ଼େ ବଳିଷ୍ଠ ପ୍ରମାଣ ଯେ ପବିତ୍ର କୁର୍‌ଆନ୍ ଉମ୍ମିମାନଙ୍କ ମଧ୍ୟରେ ଅର୍ଥାତ (ନୀରକ୍ଷରମାନଙ୍କ ମଧ୍ୟରେ) ଆସିଛି ଓ ପ୍ରତି କ୍ଷେତ୍ରରୁ ସୁରକ୍ଷିତ ରହିଛି କିନ୍ତୁ ତୌରାତ୍ ଏବଂ ଇଞ୍ଜିଲ୍ ନିଜ ସମୟର ଶିକ୍ଷିତ ଜାତିରେ ଆସିଥିଲେ କିନ୍ତୁ ସୁରକ୍ଷିତ ରହିପାରିଲେ ନାହିଁ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜର୍‌ର ଆୟତ ନଂ-୧୦ **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ଓ୍ୱ ଇନ୍ନା ଲହୁ ଲହାଫିଜୁନା** ର ବ୍ୟାଖ୍ୟା କରି କହିଛନ୍ତି:-

ଏହି ଆୟତଟି ଇସ୍‌ଲାମ୍‌ର ସତ୍ୟତା ନିମନ୍ତେ ଏକ ବଳିଷ୍ଠ ପ୍ରମାଣ ଯଦି କୌଣସି ନିରପେକ୍ଷ ବ୍ୟକ୍ତି ଏହି ଆୟତ ଉପରେ ଚିନ୍ତା କରିବ, ସେ ବୁଝିପାରିବ ଯେ ଏହି ଦାବି କୌଣସି ମଣିଷର ନୁହେଁ । ସମସ୍ତ ବ୍ୟାଖ୍ୟାକାରୀ ସମୀକ୍ଷକମାନେ ଏ କଥାରେ ଏକମତ ଯେ ଏହି ସୁରଃ ହେଉଛି ମକ୍କି ଅର୍ଥାତ ମକ୍କାରେ ଅବତୀର୍ଣ୍ଣ ହୋଇଥିଲା । ଇବ୍‌ନେ ହୁଶାମ୍ ବର୍ଣ୍ଣନା କରିଛନ୍ତି ଯେ ଏହି ଆୟତଟି (ମୁହମ୍ମଦ ସ:ଆ:ସଙ୍କ) ନବୁଓ୍ୱତ ଦାବି କରିବାର ଚତୁର୍ଥ ବର୍ଷ ଅବତୀର୍ଣ୍ଣ ହୋଇଛି........ ଆରବର ଓ ୟୁରୋପର ନୂଆ ଗବେଷକମାନେ ବ୍ୟାଖ୍ୟାକାରୀଙ୍କ ସହିତ ସହମତ ହୋଇ କହୁଛନ୍ତି ଯେ ଏହି ସୁରଃ ହେଉଛି ମକ୍କି । ମକ୍କା ଜୀବନର ଶେଷ ବର୍ଷ ମଧ ଅତ୍ୟନ୍ତ ବିପଜ୍ଜନକ ଥିଲା । ଆଁ ହଜ୍‌ରତ୍ ସ:ଆ:ସ ନିଜ ସାଥିମାନଙ୍କ ସମେତ **ଶୋଅବ ଅବି ତାଲିବ୍** ଠାରେ ଫସି ରହିଥିଲେ ଯେବେ କି ଅନ୍ୟ ମୁସଲମାନମାନଙ୍କୁ ନିଜର ସୁରକ୍ଷା ପାଇଁ ସ୍ଥାନ ମିଳୁନଥିଲା । ଏପରି ସମୟରେ ସର୍ବଶକ୍ତିମାନ ଅଲ୍ଲାଃ ଏକଥା କହିବା ଅର୍ଥାତ ଫରିସ୍ତା (ଦେବଦୂତ)ମାନଙ୍କର ଆବଶ୍ୟକତା କଣ ଆମ୍ଭେ ସ୍ୱୟଂ ଏହାର ସୁରକ୍ଷା କରିବୁ, ଏହା କେଡ଼େ ଶକ୍ତିଶାଳୀ ଓ ଗୌରବମୟ ଦାବି । ଏହି ବାକ୍ୟ (**ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ଓ୍ୱ ଇନ୍ନା ଲହୁ ଲହାଫିଜୁନା**)ର ଶକ୍ତିକୁ ସେହି ଲୋକମାନେ ଭଲ ଭାବରେ ବୁଝିପାରିବେ

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ ।

*(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

## ନବୀ ସ:ଆ:ସଙ୍କ ବାଣୀ

### ପ୍ରତ୍ୟେକ ମୁସଲମାନମାନଙ୍କୁ ସଦକାଃ (ଦାନପୂଣ୍ୟ) ଦେବା ଜରୁରୀ

(୧୪୪୨) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଲେ: ଏମିତି କୌଣସି ଦିନ ବିତେ ନାହିଁ ଯେଉଁ ଦିନ ଦୁଇଜଣ ଫରିସ୍ତା (ଦେବଦୂତ) ଭକ୍ତଙ୍କ ପ୍ରାତଃ ସମୟରେ ଉଠିବା ବେଳେ ଅବତରଣ ନ କରୁଥିବେ । ସେମାନଙ୍କ ମଧ୍ୟରୁ ଜଣେ କହିଥାନ୍ତ: ହେ ଅଲ୍ଲାଃ ! ଖର୍ଚ୍ଚ କରୁଥିବା ଲୋକଙ୍କୁ ତା'ର ପ୍ରତିବଦଳ ପ୍ରଦାନ କରନ୍ତୁ । ଦ୍ୱିତୀୟ ଜଣ କହିଥାନ୍ତି:- କୃପଣର ଧନ ବୃଥାରେ ଯାଉ ।

(୧୪୪୫) ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଲେ:- ପ୍ରତ୍ୟେକ ମୁସଲମାନଙ୍କୁ ସଦକାଃ କରିବା ଜରୁରୀ । ଏଥିରେ ଲୋକମାନେ ନିବେଦନ କଲେ: ହେ ଅଲ୍ଲାଃଙ୍କ ନବୀ ! ଏହା କରିବା ପାଇଁ ଯାହାର ଶକ୍ତି ନାହିଁ ? ମହାଭାଗ ସ:ଆ:ସ କହିଲେ: ଯଦି ଏହା ନ କରିପାରନ୍ତି ତା'ହେଲେ ଅଭାବୀ ଓ ଅସୁବିଧାରେ ଥିବା ଲୋକମାନଙ୍କୁ ସାହାଯ୍ୟ କରନ୍ତୁ । ଲୋକମାନେ କହିଲେ: ଯଦି ଏହା ବି ନ କରିପାରନ୍ତି ? ମହାଭାଗା ସ:ଅ:ସ କହିଲେ: ତା'ହେଲେ ତାକୁ ଭଲ କାମ କରିବା ଉଚିତ ଓ ମନ୍ଦ କାମରୁ ଦୂରେଇ ରହିବା ଉଚିତ । ଏହା ହିଁ ହେଉଛି ତା ପାଇଁ ସଦକାଃ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

ଯେଉଁମାନେ ଆରବୀ ଭାଷା ଜାଣିଛନ୍ତି। କଣ ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି ଯେତେବେଳେ ମୁସଲମାନମାନଙ୍କୁ ଚାରିପଟୁ ଘେରାଉଟ୍ କରାଯାଇଥିଲା ଓ ସେମାନଙ୍କର ଜୀବନ ବିପଦରେ ଥିଲା, ସେତେବେଳେ (ସେମାନଙ୍କ ତରଫରୁ) ଏକଥା କୁହାଯାଉଅଛି ଯେ (ଅର୍ଥାତ ଅଲ୍ଲାଃ କହୁଛନ୍ତି ଯେ ହେ ବିରୋଧିମାନେ!) ତୁମ୍ଭେ ଯଥାସମ୍ଭବ ଚେଷ୍ଟା କର ଏବଂ ପବିତ୍ର କୁର୍‌ଆନ୍‌କୁ ଶେଷ କରିଦେବା ପାଇଁ ନିଜର ସମସ୍ତ ଶକ୍ତିକୁ ବିନିଯୋଗ କର (କିନ୍ତୁ) ଆମେ ସ୍ୱୟଂ ଏହାର ସୁରକ୍ଷା କରିବୁ ଏବଂ ଏପରି ଗୋଟିଏ ଦିନ ଆସିଛି ଯେ ବିରୋଧ ହେବା ସତ୍ୱେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସ ଓ ତାଙ୍କ ସାଥିମାନେ ମୁକ୍ତ ହୋଇଛନ୍ତି। ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଉନ୍ନତି ମିଳିଛି। ଗୋଟିଏ ମହାନ ଦଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ମିଶିଯାଇଛନ୍ତି। ପବିତ୍ର କୁର୍‌ଆନ୍‌ର ସୁରକ୍ଷା ଯେମିତି ହେବା କଥା ସେମିତି ହୋଇଛି ଏବଂ ଆଜି ପର୍ଯ୍ୟନ୍ତ ହୋଇଚାଲିଛି ଓ ଆସନ୍ତାକୁ ମଧ୍ୟ ହୋଇ ଚାଲିବ। କଣ ଏପରି ଅନନ୍ୟ ସୁରକ୍ଷା ଦୁନିଆର ଅନ୍ୟ କୌଣସି ଧାର୍ମିକ ପୁସ୍ତକକୁ ହାସଲ ହୋଇଛି? ସର୍ ୱିଲିୟମ୍ ମିଓ୍ୱର ନିଜର ପୁସ୍ତକ ଲାଇଫ୍ ଅଫ୍ ମୁହମ୍ମଦ ସ:ଆ:ସରେ ଆଲୋଚନା ପରେ ଲେଖିଛନ୍ତି:-

....... ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ହେଉଛି ସେହି କୁର୍‌ଆନ୍ ଯାହା ମୁହମ୍ମଦ (ସ:ଆ:ସ) ଆମକୁ ଦେଇଥିଲେ। ଆମେ ବହୁତ ମଜ୍‌ଭୁତ୍ କଳ୍ପନାର ଆଧାରରେ କହିପାରିବୁ ଯେ ପବିତ୍ର କୁର୍‌ଆନ୍‌ର ପ୍ରତ୍ୟେକ ଆୟତ ହେଉଛି ଅସଲି ଏବଂ ମୁହମ୍ମଦ (ସ:ଆ:ସ)ଙ୍କର ଅପଭ୍ରଂଶ ହୋଇନଥିବା ଆଲେଖ୍ୟ। ଆମ ନିକଟରେ ସବୁ ପ୍ରକାରର (ଗ୍ୟାରେଂଟି) ଜମାନତ ଅଛି। ଆଭ୍ୟନ୍ତରୀଣ ପ୍ରମାଣ ଓ ବାହ୍ୟ ପ୍ରମାଣ ରହିଛି ଯେ ଯେଉଁ ପୁସ୍ତକ ଏବେ ଆମ ନିକଟରେ ଅଛି ଏହା ହେଉଛି ସେହି ପୁସ୍ତକ ଯାହାକୁ ସ୍ୱୟଂ ମୁହମ୍ମଦ (ସ:ଆ:ସ) ଏ ଦୁନିଆ ସମ୍ମୁଖରେ ଉପସ୍ଥାପନ କରିଥିଲେ ଓ ଏହାକୁ ବ୍ୟବହାର କରୁଥିଲେ।

ନୋଲ୍‌ଡ଼ିକ୍ କୁହନ୍ତି:- ସମ୍ଭବତଃ ଲେଖିବାରେ କୌଣସି ମାମୁଲି ତ୍ରୁଟି (ଲେଖିବା ଶୈଳୀରେ) ରହିଥାଇପାରେ କିନ୍ତୁ ଯେଉଁ କୁର୍‌ଆନ୍ ଉସ୍‌ମାନ୍ ର:ଅ ଜଗତ ସମ୍ମୁଖରେ ଉପସ୍ଥାପନ କରିଥିଲେ, ତାହାର ବିଷୟବସ୍ତୁ ମୁହମ୍ମଦ (ସ:ଆ:ସ)ଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ବିଷୟବସ୍ତୁ ସହିତ ସମାନ। ଯଦିଓ ଏହାର କ୍ରମ ବିଚିତ୍ର ଅଟେ। ୟୁରୋପୀୟ ୱଲେମାମାନଙ୍କର ଏ ଉଦ୍ୟମ ରହିଥାଏ ଯେ ସେମାନେ ଏହା ସାବ୍ୟସ୍ତ କରିବାକୁ ଚାହିଁଥାନ୍ତି ଯେ କାଳେ ପବିତ୍ର କୁର୍‌ଆନ୍‌ରେ ପରେ କିଛି ପରିବର୍ତ୍ତନ ହୋଇଥିବ କି, କିନ୍ତୁ ଏହି ଉଦ୍ୟମ ସମ୍ପୁର୍ଣ୍ଣ ରୂପେ ଅସଫଳ ହୋଇଛି। ..........

ପବିତ୍ର କୁର୍‌ଆନ୍ ଅଲ୍ଲାଃଙ୍କ ନିକଟରୁ ଆସିଥିବାର ଏହା କେଡ଼େ ବଳିଷ୍ଠ ପ୍ରମାଣ ଯେ ପବିତ୍ର କୁର୍‌ଆନ୍ ଉମ୍ମିମାନଙ୍କ ମଧ୍ୟରେ ଅର୍ଥାତ (ନୀରକ୍ଷରମାନଙ୍କ ମଧ୍ୟରେ) ଆସିଛି ଓ ପ୍ରତି କ୍ଷେତ୍ରରୁ ସୁରକ୍ଷିତ ରହିଛି କିନ୍ତୁ ତୌରାତ୍ ଏବଂ ଇଞ୍ଜିଲ୍ ନିଜ ସମୟର ଶିକ୍ଷିତ ଜାତିରେ ଆସିଥିଲେ କିନ୍ତୁ ସୁରକ୍ଷିତ ରହିପାରିଲେ ନାହିଁ। ୱିଲିୟମ୍ ମେଓ୍ୱର ଏ ସମ୍ବନ୍ଧରେ ଅତ୍ୟନ୍ତ ଦୁଃଖଭରା ଶବ୍ଦରେ ଏହା ଲେଖିଛନ୍ତି:-

ମୁସଲମାନମାନଙ୍କର ସମ୍ପୁର୍ଣ୍ଣ ଶୁଦ୍ଧ ଏବଂ ଅପରିବର୍ତ୍ତନୀୟ ପୁସ୍ତକ ଏବଂ ଆମ ପୁସ୍ତକଗୁଡ଼ିକର ବିଭିନ୍ନ ସଂସ୍କରଣ ମଧ୍ୟରେ ଥିବା ମତଭେଦକୁ ତୁଳନା କରିବା ବିଲ୍‌କୁଲ୍ ଏପରି ଯେମିତି ଦୁଇଟି ଜିନିଷ ମଧ୍ୟରେ ତୁଳନା କରାଯାଇଥାଏ, ଯାହାଙ୍କ ମଧ୍ୟରେ କୌଣସି ସମାନତା ହିଁ ନଥାଏ।

ଏବେ ପ୍ରଶ୍ନ ଏହା ଉଠୁଛି ଯେ କ'ଣ ଏହା କେବଳ ଏକ ସଂଯୋଗ ଯେ ଆଜି ପର୍ଯ୍ୟନ୍ତ ପବିତ୍ର କୁର୍‌ଆନ୍ ସୁରକ୍ଷିତ ରହିଆସିଛି? ଇସ୍‌ଲାମିକ ଇତିହାସ ଏହା ଦର୍ଶାଉଛି ଯେ ଏହା କୌଣସି ସଂଯୋଗ ନୁହେଁ ବରଂ ଏହାର ବାହ୍ୟ ସୁରକ୍ଷା **ଅଲ୍‌କିତାବ୍** ଏବଂ **କୁର୍‌ଆନ୍ ମୁବିନ୍** ଦୁଇଟି ଜରିଆରେ ହୋଇଥାଏ। ଏହାର ଚର୍ଚ୍ଚା ଏହି ସୁରାଃର ଆରମ୍ଭରେ କରାଯାଇଅଛି। ଅବତୀର୍ଣ୍ଣ ହେବାର ପ୍ରାରମ୍ଭରୁ ହିଁ ଏହାର ଆୟତ ଲେଖା ଚାଲିଲା। ଏବଂ ଏହାର ସୁରକ୍ଷା କରାଗଲା। ପୁଣି ଅଲ୍ଲାଃ ତାଲା ଏହାର ଏପରି ପ୍ରେମି ପ୍ରଦାନ କଲେ ଯେଉଁମାନେ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ସ୍ମରଣ କରିଚାଲିଲେ, ରାତିଦିନ ନିଜେ ପଢ଼ିଲେ ଏବଂ ଅନ୍ୟମାନଙ୍କୁ ପଢ଼ି ଶୁଣାଉଥିଲେ। ଏତଦ୍‌ବ୍ୟତୀତ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ର କିଛି ଅଂଶକୁ ନମାଜ୍‌ରେ ପାଠ କରିବା ପାଇଁ ବାଧ୍ୟତାମୂଳକ କରିଦେଲେ ଏବଂ ଏ ସର୍ତ୍ତେ ରଖିଦେଲେ ଯେ (ନମାଜ ପଢ଼ିବା ବେଳେ କୌଣସି ବ୍ୟକ୍ତି) ପୁସ୍ତକକୁ ଦେଖି ପଢ଼ିବେ ନାହିଁ ବରଂ ମନେରଖି ପଢ଼ିବେ। ଯଦି କିଏ ଏହା କୁହେ ଯେ ମୁହମ୍ମଦ ସ:ଆ:ସ ଏମିତି ଗୋଟିଏ କଥା ପାଂଚିଥିଲେ ବୋଲି ତା'ହେଲେ ଆମେ ଏ ପ୍ରଶ୍ନ କରୁଛୁ ଯେ ଏହି କଥା ଜୋରାଷ୍ଟ୍ରର, ମୁସା ଏବଂ ବେଦକୁ ମାନୁଥିବା ଲୋକମାନେ କାହିଁକି ପାଂଚିପାରିଲେ ନାହିଁ? ଏଥିରୁ ଜଣା ପଡୁଛି ଯେ ଏକଥାକୁ ପାଂଚିଥିବା ଶକ୍ତି ଆଉ କିଏ ଅଛି। କଲମ୍ବସ୍ ଯେତେବେଳେ ଆମେରିକା ଆବିଷ୍କାର କରି ଫେରି ଆସିଲା, ଲୋକମାନେ କହିଲେ ଏହା କଣ ବଡ଼ କଥା ଯେ। ଯଦି ଆମେ ଯାଇଥାନ୍ତୁ ଆମେ ବି ଆମେରିକା ଆବିଷ୍କାର କରିଥାନ୍ତୁ। କିନ୍ତୁ କଲମ୍ବସ୍ ଏହାର ଉତରରେ ଗୋଟିଏ ଅଣ୍ଡାକୁ ମେଜ ଉପରେ ରଖି କହିଲେ ଯେ ତୁମେମାନେ ଏହି ଅଣ୍ଡାଟିକୁ ମେଜ ଉପରେ ଛିଡ଼ା କରାଇଦିଅ। ସମସ୍ତେ ଚେଷ୍ଟା କଲେ କିନ୍ତୁ ତାହା ଛିଡ଼ା ହୋଇ ରହିଲା ନାହିଁ। ଶେଷରେ କଲମ୍ବସ ଉଠିଲେ ଓ ଗୋଟିଏ ସୁଇ ଦ୍ୱାରା ଅଣ୍ଡାଟିକୁ କଣା କରିଦେଲେ ଏବଂ ସେଥିରୁ ଯେଉଁ ଲାଳ ବାହାରିଲା, ତା ସାହାଯ୍ୟରେ ତାକୁ ମେଜ ଉପରେ ଛିଡ଼ା କରିଦେଲେ। ଏହା ଦେଖି ଲୋକମାନେ କହିଲେ ଏମିତି ତ ଆମେ ବି କରିଦେଇଥାନ୍ତୁ। କଲମ୍ବସ୍ କହିଲେ ଯେ ତୁମେମାନେ ତ ଆମେରିକା ଆବିସ୍କାର କରିବା ସମ୍ବନ୍ଧରେ କହିଥିଲ ଯେ ତୁମମାନଙ୍କୁ ମଉକା ମିଳିନଥିଲା ବୋଲି କିନ୍ତୁ ଏଠାରେ ତ ତୁମକୁ ମଉକା ମିଳିଥିଲା, ତେଣୁ ତୁମେ କାହିଁକି ନିଜର ବୁଦ୍ଧି ଖଟାଇ କାମ କଲ ନାହିଁ। ସୁତରାଂ ଆମେ ମଧ୍ୟ ସେହିପରି କହୁଛୁ ଯେ ପବିତ୍ର କୁର୍‌ଆନ୍‌ର ସୁରକ୍ଷା ନିମନ୍ତେ ଯେଉଁ ସବୁ ମାଧ୍ୟମ ବ୍ୟବହାର କରାଯାଇଅଛି, ତାହା କାହିଁକି ପବିତ୍ର କୁର୍‌ଆନ୍‌କୁ ଉପସ୍ଥାପନ କରିଥିବା ବ୍ୟକ୍ତିଙ୍କୁ ହିଁ ବୁଝାପଡ଼ିଲା, କାହିଁକି ଅନ୍ୟ ଦଳର ଲୋକମାନେ ତାହାକୁ ବ୍ୟବହାର କଲେନାହିଁ!

ଏକଥା ମଧ୍ୟ ମନେରଖନ୍ତୁ ଯେ ଏପରି ଲୋକେ ଉପଲବ୍ଧ ହେବା, ଯେଉଁମାନେ ତାହାକୁ (ଅର୍ଥାତ ପବିତ୍ର କୁର୍‌ଆନକୁ) କଣ୍ଠସ୍ଥ କରିଥିଲେ ଏବଂ ନମାଜ୍‌ରେ ପାଠ କରୁଥିଲେ, ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ହାତରେ ନଥିଲା। ସେମାନଙ୍କୁ ଉପଲବ୍ଧ କରାଇବା ମୁହମ୍ମଦ ସ:ଆ:ସଙ୍କ ଶକ୍ତି ବାହାରେ ଥିଲା। ସେଥିପାଇଁ ତ ଅଲ୍ଲାଃ ତାଲା କହିଲେ **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲହାଫିଜୁନା** ଅର୍ଥାତ:- ଆମେ ଏପରି ଲୋକମାନଙ୍କୁ ସୃଷ୍ଟି କରିଚାଲିଥିବୁ ଯେଉଁମାନେ ଏହାକୁ ସ୍ମରଣ/ କଣ୍ଠସ୍ଥ କରିବେ। ଏହି ଘୋଷଣାକୁ ତେରଶହ ବର୍ଷ ବିତିଗଲାଣି ଏବଂ ପବିତ୍ର କୁର୍‌ଆନ୍‌ର କୋଟି କୋଟି ହାଫିଜ୍ (ପବିତ୍ର କୁର୍‌ଆନ୍ କଣ୍ଠସ୍ଥ କରିଥିବା ଲୋକେ) ଆସି ଚାଲିଗଲେଣି। କିଛି ୟୁରୋପୀୟମାନେ ଏହା ନଜାଣି ଏକଥା କହିଦେଇଛନ୍ତି ଯେ ଏତେବଡ଼ କୁର୍‌ଆନ୍ କିଏ ମନେ ରଖିଥିବ? କିନ୍ତୁ ଏବେ କେବଳ କାଦିଆନ୍‌ରେ ହିଁ ଅନେକ ହାଫିଜ୍ ମିଳିଯିବେ ଯେଉଁମାନେ ଭଲ ଭାବରେ କୁର୍‌ଆନ୍‌କୁ ମନେରଖିଛନ୍ତି ଅର୍ଥାତ କଣ୍ଠସ୍ଥ କରିଛନ୍ତି। ଅତଃ ମୋର ବଡ଼ ପୁଅ ନାସିର୍ ଅହ୍‌ମଦ୍ ସଲମହୁଲ୍ଲାହୁ ତାଆଲା କେବଳ ଏଗାରବର୍ଷ ବୟସରେ ପବିତ୍ର କୁର୍‌ଆନ୍ ହିଫଜ୍ (ଅର୍ଥାତ କଣ୍ଠସ୍ଥ) କରିସାରିଥିଲା। ଅସଲ କଥା ହେଉଛି ଏହା କି ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌କୁ ନିଜର ବିଶେଷ ସ୍ୱଭାବ ଦ୍ୱାରା ଶବ୍ଦ ଓ ଏପରି ସୁତ୍ର ଦ୍ୱାରା ଅବତୀର୍ଣ୍ଣ କରିଛନ୍ତି ଯେ ତାହା ସହଜରେ କଣ୍ଠସ୍ଥ ହୋଇଯାଉଛି। ଅର୍ଥାତ ସହଜରେ ମନ ରହିଯାଉଛି। ପବିତ୍ର କୁର୍‌ଆନ୍ ଶେର୍ (ଅର୍ଥାତ ଛନ୍ଦ ବା କବିତା) ନୁହେଁ କିନ୍ତୁ କବିତା ଅପେକ୍ଷା ଏହା ଶିଘ୍ର ମନେ ରହିଯାଏ। ଉର୍ଦ୍ଦୁ କିମ୍ବା ଇଂଗ୍ରାଜୀ ବାକ୍ୟ ତୁଳନାରେ ପବିତ୍ର କୁର୍‌ଆନ୍‌କୁ ମନେ ରଖିବା ପାଇଁ ତାହାର ଅଧା ସମୟରୁ ବି କମ୍ ସମୟ ଖର୍ଚ୍ଚ ହୋଇଥାଏ। ***(ତଫ୍‌ସୀର୍ କବୀର୍, ଖଣ୍ଡ-୪, ପୃ-୧୫-୧୮, ମୁଦ୍ରଣ ୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ପାଇଁ କେଡ଼େ ବିସ୍ତୃତ ଉପାୟରେ ଅନୁଗ୍ରହର ମାର୍ଗ ବତାଇ ଦେଇଛନ୍ତି। ଏିହ ସୁରଃ ଯାହାର ନାମ ମଧ୍ୟ ଖାତମୁଲ୍ କୁତୁବ୍ ଏବଂ ଉମ୍ମୁଲ୍ କିତାବ ଅଟେ, ଏଥିରେ ସ୍ପଷ୍ଟ ଭାବରେ ବତାଇ ଦେଇଛନ୍ତି ଯେ ମଣିଷ ଜୀବନର ଉଦ୍ଦେଶ୍ୟ କ'ଣ ଏବଂ ତାହାକୁ ହାସଲ କରିବା ପାଇଁ କ'ଣ ସବୁ ମାର୍ଗ ରହିଛି? **ଇୟାକା ନାବୁଦୁ** ସତେ ଯେପରି ଏହା ମାନବ ପ୍ରକୃତିର ଅସଲ ଆବଶ୍ୟକତା ଓ ଉଦ୍ଦେଶ୍ୟ ଅଟେ। ଏବଂ ତାହା **ଇୟାକା ନସ୍‌ତଇନୁ (ଅଲ୍‌ଫାତିହା:୫)** ବିନା ପୂରଣ ହୁଏ ନାହିଁ। କିନ୍ତୁ ଇୟାକା ନାବୁଦୁ କୁ ଇୟାକା ନସ୍‌ତଇନୁ ଆଗରେ ରଖି ଏହା ବତାଇଛନ୍ତି ଯେ ପ୍ରଥମେ ଏହା ଜରୁରୀ ଅଟେ ଯେ ଯେଉଁଠି ମଣିଷ ନିଜର ଶକ୍ତି, ସାହାସ ଓ ବୁଝାମଣା ରଖିଛି, ସେଠି ସେ ଈଶ୍ୱରଙ୍କୁ ପ୍ରସନ୍ନ କରିବାର ପଥ ଅନୁସରଣ କରିବାକୁ ପ୍ରଚେଷ୍ଟା କରୁ ଏବଂ ଈଶ୍ୱର ପ୍ରଦତ ଶକ୍ତି ଓ ସାମର୍ଥ୍ୟ ଦ୍ୱାରା ସମ୍ପୁର୍ଣ୍ଣ ଲାଭ ଉଠାଉ। ତା'ପରେ ପୁଣି ଅଲ୍ଲାଃଙ୍କ ନିକଟରେ ତାହା ପୂରଣ ହେବା ପାଇଁ ଓ ଉତମ ଫଳାଫଳ ନିମନ୍ତେ ଦୁଆ କରୁ। ମଣିଷ ଜୀବନର ଉଦ୍ଦେଶ୍ୟ ଓ ଅଭିପ୍ରାୟ ସିରାତେ ମୁସ୍‌ତକିମ୍ ଉପରେ ପରିଚାଳିତ ହେବା ଓ ତାକୁ ପାଇବା ପାଇଁ ଇଚ୍ଛା କରିବା। ତେଣୁ ଏହି ସୁରଃର ନିମ୍ନଲିଖିତ ବାକ୍ୟରେ ଏପରି ବର୍ଣ୍ଣନା କରାଯାଇଅଛି ଯେ: **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍- ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍ (ଅଲ୍‌ଫାତିହା:୬,୭)** ଅର୍ଥାତ- (ହେ) ଅଲ୍ଲାଃ ଆମକୁ ସିଧା ରାସ୍ତା ଦେଖାଅ- ସେହି ଲୋକମାନଙ୍କ (ରାସ୍ତା) ଯେଉଁମାନଙ୍କ ଉପରେ ତୁମ୍ଭର ପୁରସ୍କାର ହୋଇଥିଲା। ଏହା ହେଉଛି ସେହି ଦୁଆ ଯାହା ସବୁବେଳେ, ପ୍ରତ୍ୟେକ ନମାଜରେ ଏବଂ ପ୍ରତି ରେକାତ୍‌ରେ ମଗାଯାଇଥାଏ। ଏହାର ପୂନରାବୃତି ଏତେମାତ୍ରାରେ କରାଯିବା ଏହାର ଗୁରୁତ୍ୱକୁ ପ୍ରକାଶ କରିଥାଏ। ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୨୧ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି। ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ। ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି। ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ। ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ମୁଁ ସମସ୍ତ କର୍ମକର୍ତାମାନଙ୍କୁ ଧନ୍ୟବାଦ ଜଣାଉଛି, ପୁରୁଷ ଓ ମହିଳା ସମସ୍ତଙ୍କୁ । ଏମାନେ ପ୍ରତିକୂଳ ପରିସ୍ଥିତି ଓ ପାଗ ଖରାପ ହେବା ସତ୍ୱେ ମଧ୍ୟ ନିଃସ୍ୱାର୍ଥପର ଭାବରେ କାମ କରିଛନ୍ତି ଓ ଏହି ଜଲ୍‌ସାର ଡ୍ୟୁଟିକୁ ଖୁବ୍ ଉତମ ଭାବରେ ସମ୍ପାଦନ କରିଛନ୍ତି ।

**ଜଲ୍‌ସା ସାଲାନା ୟୁ.କେ (ବ୍ରିଟେନ୍) ୨୦୨୧ ସମ୍ବନ୍ଧରେ ବିଭିନ୍ନ ଦେଶରୁ ପ୍ରାପ୍ତ ହୋଇଥିବା ଆପଣା ଓ ପର ଲୋକମାନଙ୍କ ଅସାଧାରଣ ଭାବନା ଏବଂ ମନୋଭାବ ବ୍ୟକ୍ତ ତତ୍‌ସହିତ ଜଲ୍‌ସା ଶୁଣିବାର ଆନନ୍ଦପୂର୍ଣ୍ଣ ବିବୃତି ।**

ଅନ୍ୟମାନେ ମଧ୍ୟ ଏମ୍.ଟି.ଏ ଦ୍ୱାରା ପ୍ରଭାବିତ ହୋଇଛନ୍ତି ଏବଂ ଯେଉଁମାନେ ଏହି ଧାର୍ମିକ ଭଣ୍ଡାରରୁ ଲାଭ ଉଠାଇବାକୁ ଚାହିଁଛନ୍ତି, ସେମାନେ ଲାଭ ଉଠାଉଛନ୍ତି । ଯଦି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଉନ୍ନତି କରିବାର ଅଛି ତେବେ ଏହା ହେଉଛି ଉନ୍ନତିର ଏକ ମାର୍ଗ । ଅହେମଦୀମାନଙ୍କୁ ଆବଶ୍ୟକ ଯେ ସେମାନେ ଏମ୍.ଟି.ଏ ଦେଖିବାକୁ ଧ୍ୟାନ ଦିଅନ୍ତୁ ।

---

ଏ ବର୍ଷ ପ୍ରଥମଥର ପାଇଁ ଲାଇଭ୍ ଷ୍ଟ୍ରିମିଂ (Live Streaming) ଜରିଆରେ ଭିନ୍ନ ଭିନ୍ନ ଜମାତ୍‌ର ଲୋକମାନେ ନିଜ ନିଜର ଜମାତ୍‌ରେ ବସି ଏହି ଜଲ୍‌ସା ସାଲାନାରେ ପରୋକ୍ଷରେ ସାମିଲ ହୋଇପାରିଲେ ।

---

ଅଲ୍ଲାଃଙ୍କ କୃପାରୁ ଏମ୍.ଟି.ଏ ଆଫ୍ରିକା ବ୍ୟତୀତ ଏହି ଜଲ୍‌ସା ସାଲାନାର ପ୍ରସାରଣ ଅନ୍ୟ ସ୍ଥାନୀୟ ଟିଭି ଚ୍ୟାନେଲଗୁଡ଼ିକରେ ମଧ୍ୟ ପ୍ରସାରଣ କରାଗଲା ।

---

ଆଫ୍ରିକାରେ ପଚାଶ ମିଲିୟନ୍‌ରୁ ଅଧିକା ଲୋକଙ୍କ ଭାଷା, ହାଉସା ଭାଷାରେ ପ୍ରଥମଥର ପାଇଁ ଜଲ୍‌ସା ସାଲାନାର କାର୍ଯ୍ୟକ୍ରମଗୁଡ଼ିକର ସିଧାପ୍ରସାରଣର ଅନୁବାଦ କରାଯାଉଥିଲା ।

---

ଅଲ୍ଲାଃ ତାଲା ଏହି ଜଲ୍‌ସାର ସୁଦୂରପ୍ରସାରୀ ଫଳାଫଳ ମଧ୍ୟ ସୃଷ୍ଟି କରନ୍ତୁ ଏବଂ ଶୁଦ୍ଧ ଆତ୍ମାମାନଙ୍କୁ ଅହେମଦୀୟତ୍ ଓ ପ୍ରକୃତ ଇସ୍‌ଲାମ୍ ପ୍ରତି ପୂର୍ବାପେକ୍ଷା ଅଧିକା ଧ୍ୟାନ ଆକର୍ଷଣ ହେଉ ଏବଂ ତଥାକଥିତ ଓ୍ୱଲେମାମାନଙ୍କ ଦୁଷ୍ଟାମିରୁ ଏ ଜମାତ୍‌କୁ ଓ ଶୁଦ୍ଧ ଆତ୍ମାମାନଙ୍କୁ ସୁରକ୍ଷିତ ରଖନ୍ତୁ ।

ଇସ୍‌ଲାମ୍‌କୁ ବର୍ତମାନ ଜଣେ ଲିଡ଼ରଙ୍କ ଆବଶ୍ୟକ ଅଛି ଏବଂ ତାହା ଜମାତ୍ ଅହେମଦୀୟାଙ୍କ ନିକଟରେ ଖଲିଫାଙ୍କ ଅସ୍ତିତ୍ୱରେ ବିଦ୍ୟମାନ । ତାଙ୍କ ଦ୍ୱାରା ଇସ୍‌ଲାମ୍ ଜଗତ ଏକତ୍ରିତ ହୋଇପାରିବ ।

ବିରତି ସମୟରେ ଉପସ୍ଥିତ ଲୋକମାନଙ୍କୁ ମୁଅଲ୍ଲିମ୍ ସାହେବ ବୟତ୍‌ର ସର୍ତାବଳୀଗୁଡ଼ିକୁ ସ୍ଥାନୀୟ ଭାଷାରେ ପଢ଼ି ଶୁଣାଇଲେ । ସେହି ଅଣଅହେମଦୀ ଲୋକ ଜଣକ କହିଲେ ଏହା ତ' ଇସ୍‌ଲାମ୍‌ର ସାରାଂଶ ଅଟେ । ଏଥିରେ ସାମାଜିକ ଜୀବନ ବିତାଇବା ପାଇଁ ଖୁବ୍ ସୁନ୍ଦର ଭାବରେ ମାର୍ଗଦର୍ଶନ କରାଯାଇଅଛି । ପୁଣି ସେ କହିଲେ ଯେ ଏହି ସର୍ତାବଳୀଗୁଡ଼ିକ ଉପରେ ପରିଚାଳିତ ହେବା ପ୍ରତ୍ୟେକ ଲୋକ ପାଇଁ ଅତ୍ୟନ୍ତ ଜରୁରୀ । ଅତଏବ ଜଲ୍‌ସା ପରେ ସେ ମଧ୍ୟ ବୟତ କରିନେଲେ ।

---

ଯେଉଁ ଲୋକମାନେ ଏ ଯମାତ୍‌କୁ କାଫିର୍ (ଅବିଶ୍ୱାସୀ) କହୁଛନ୍ତି ଏବଂ ସନ୍ତ୍ରାସବାଦର ଗୋଷ୍ଠି ବୋଲି କହୁଛନ୍ତି, ସେମାନଙ୍କର ଉତର ହେଉଛି ଯମାତ୍ ଅହେମଦୀୟା ଷ୍ଟେଜ୍ ଉପରେ ପେଶ୍ କରିଥିବା ପବିତ୍ର କୁର୍‌ଆନ୍‌ର ଏହି **ଖାତ୍‌ମୁନ୍ ନବୀୟିନ୍** ର ଆୟତ ଯାହା ବଡ଼ ବଡ଼ ଅକ୍ଷରରେ ଷ୍ଟେଜ୍‌ର କାନ୍ଥରେ ଲେଖାଯାଇଥିଲା । ଏବେ ଇନ୍‌ଶାଅଲ୍ଲାଃ ଏମ୍.ଟି.ଏ ଜରିଆରେ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଥିବା ଅନେକ ଭୂଲ ଧାରଣା ଦୂର ହେବ ।

---

ଏ ବର୍ଷ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଦ୍ୱାରା ଅନୁଷ୍ଠିତ ହୋଇଥିବା ଏହି ଜଲ୍‌ସା ସାଲାନା ଅଲ୍ଲାଃ ତାଲାଙ୍କ କୃପାର ଏପରି ଦ୍ୱାର ଖୋଲି ଦେଇଛି ଯେ ଏହା ପାଇଁ ମଣିଷ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରି ତାହାଙ୍କ ଆଗରେ ନତମସ୍ତକ ହୋଇଯାଉଛି ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍** [ଅ.ବ]
**(ପ୍ରଦତ୍: ୧୩ ଅଗଷ୍ଟ ୨୦୨୧ ଅନୁଯାୟୀ ୧୩ ଜହୁର୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଅଲ୍‌ହମଦୁ ଲିଲ୍ଲାହ ଗତ ଶୁକ୍ରବାର ଦିନ ବ୍ରିଟେନ୍‌ର ବାର୍ଷିକ ଧର୍ମ ସମ୍ମିଳନୀ ଏକ ବର୍ଷ ଅବା ଦୁଇବର୍ଷ ବ୍ୟବଧାନରେ ବା କିଛି ଦିନର ବିରତି ପରେ ଆରମ୍ଭ ହୋଇ ତିନିଦିନ ପର୍ଯ୍ୟନ୍ତ ନିଜର ଆଧ୍ୟାତ୍ମିକ ପରିବେଶର ଦୃଶ୍ୟ ଦେଖାଇ ଗତ ରବିବାର ଦିନ ସମାପ୍ତ ହୋଇଗଲା । କୋରନା ରୋଗ ଯୋଗୁଁ ଚଳିତ ବର୍ଷ ମଧ୍ୟ ପରିସ୍ଥିତି ଅନୁକୂଳ ନଥିଲା ଏବଂ ଆୟୋଜକମାନେ ମଧ୍ୟ ଏହି ଚିନ୍ତା କରୁଥିଲେ ଯେ, ଚଳିତ ବର୍ଷ ମଧ୍ୟ ଗତବର୍ଷ ପରି ଜଲ୍‌ସା ଅନୁଷ୍ଠିତ ହୋଇପାରିବ ନାହିଁ । ଯେତେବେଳେ ଆୟୋଜକମାନଙ୍କୁ କୁହାଗଲା କି ଚଳିତବର୍ଷ ଇନ୍‌ଶାଅଲ୍ଲାଃ ତାଲା ଜଲ୍‌ସା ଅନୁଷ୍ଠିତ ହେବ ସେତେବେଳେ ସେମାନେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ କିନ୍ତୁ ସମ୍ପୂର୍ଣ୍ଣ ଆବେଗ ଓ ଉତ୍କଣ୍ଠିତ ଭାବ ଉତ୍ସାହିତ ହୋଇ ପ୍ରସ୍ତୁତି କରୁନଥିଲେ । ଏପରି କି ଗୋଟିଏ ଅବସରରେ ମତେ ତାଙ୍କୁ କଠୋରତା ପୂର୍ବକ କହିବାକୁ ପଡ଼ିଥିଲା ଯେ ଆପଣମାନେ ଯଦି ଏଭଳି ମାନସିକତାର ସହିତ ଓ ନିରୁତ୍ସାହିତ ଭାବ ରଖି କାର୍ଯ୍ୟ କରନ୍ତି ତେବେ ମୋତେ ବାଧ୍ୟ ହୋଇ ଆପଣମାନଙ୍କ ସ୍ଥାନରେ ନୂତନ ଆୟୋଜକମାନଙ୍କୁ  ନିଯୁକ୍ତ କରିବାକୁ ପଡ଼ିବ । ମୋର ସେହି କଠୋରୋକ୍ତି ସେମାନଙ୍କୁ ଚକିତ କରିଦେଇଥିଲା ଏବଂ ସେମାନେ ତ୍ୱରିତ ଭାବରେ କାର୍ଯ୍ୟ ଆରମ୍ଭ କରିଦେଇଥିଲେ । ଯଦିଚ ଜଲ୍‌ସାର ଅୟୋଜନ ବିଳମ୍ବରେ ଆରମ୍ଭ ହୋଇଥିଲା ଏବଂ ଆମର ଅସଲ କାର୍ଯ୍ୟକାରୀ ବିଭାଗ ବାସ୍ତବରେ ନିମ୍ନସ୍ତରରେ କାର୍ଯ୍ୟ କରୁଥିବା ଉତ୍ସର୍ଗୀମାନେ ଅଟନ୍ତି । ସେମାନେ ଆମର ଅସଲ ଫୋର୍ସ ଓ ମ୍ୟାନପାୱାର ଅଟନ୍ତି କିନ୍ତୁ ସେହିମାନେ ହିଁ ସମ୍ମିଳୀତ ନଥିଲେ ଅର୍ଥାତ ପୂର୍ଣ୍ଣ ମନଯୋଗର ସହିତ ଆୟୋଜନ କରୁନଥିଲେ । କିନ୍ତୁ ହଠାତ୍ ଜଲ୍‌ସାର ଆୟୋଜନ ପାଇଁ ପ୍ରତ୍ୟେକ ଦିଗରୁ ସେବକମାନଙ୍କର ସୁଅ ଛୁଟିଗଲା । ସେତେବେଳେ କର୍ମକର୍ତାଙ୍କ ପାଇଁ ଏହା ବେଶ୍ କଷ୍ଟକର ବ୍ୟାପାର ଥିଲା ଯେ, ଏମାନଙ୍କ ମଧ୍ୟରୁ କାହାକୁ ଚୟନ କରାଯିବ, କେଉଁମାନଙ୍କୁ ରଖିବେ ଏବଂ କେଉଁମାନଙ୍କୁ ମନା କରିବେ । ପୁଣି ଏଥର ଜଲ୍‌ସା ସୀମିତ ସ୍ତରରେ ଆୟୋଜିତ ହେବାର ଧାର୍ଯ୍ୟ ଥିଲା । ସେ ଯାହା ହେଉ ପୁରୁଷ ଓ ମହିଳା ସେବକମାନଙ୍କ ଚୟନ କରାଗଲା । ସମ୍ଭବତଃ ଲଜ୍‌ନା ବିଭାଗର ମହିଳା ସେବିକାମାନଙ୍କ ମଧ୍ୟରୁ ୧/୫ଙ୍କୁ ଦାୟିତ୍ୱ ଦିଆଗଲା ଏବଂ ଚାରିଭାଗ ମହିଳାଙ୍କୁ ସେବା ସମ୍ପାଦନାରୁ ମନା କରିଦିଆଯାଇଥିଲା ଓ ପୁରୁଷ ସେବକମାନଙ୍କ ମଧ୍ୟରୁ ଉପସ୍ଥିତ ଉତ୍ସର୍ଗୀ ବା ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ଏକ ତୃତିୟାଂଶଙ୍କୁ ସେବା ସମ୍ପାଦନ କରିବାର ସୁଯୋଗ ମିଳିଥିଲା । ଅର୍ଥାତ ତାଙ୍କୁ ସେବା ସମ୍ପାଦନ କରିବାର ଅର୍ଥାତ ତାଙ୍କୁ ମୃତୟନ କରାଯାଇଥିଲା ବାକି ଲୋକଙ୍କୁ ବାଦ ଦିଆଯାଇଥିଲା । ଏହା ଏପରି ପତିତ ହେଉଥିଲା ଯେପରି କର୍ମଚାରୀମାନେ ପ୍ରକୃତରେ ଜନଶକ୍ତି ଏବଂ ସେମାନେ ସେବା କରିବା ପାଇଁ ବ୍ୟାକୁଳ । ସୁତରାଂ ପ୍ରତ୍ୟେକ ପକ୍ଷରୁ ସ୍ୱେଚ୍ଛାସେବୀ ଉପଲବ୍ଧ ହୋଇଯାଇଥିଲେ । ଯେଉଁମାନଙ୍କୁ ସେବା କରିବାର ସୁଯୋଗ ପ୍ରାପ୍ତ

ହୋଇଛି ସେମାନଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ଏବଂ ଯେଉଁମାନଙ୍କୁ ସୁଯୋଗ ମିଳିନାହିଁ ସେମାନଙ୍କୁ ମୁଁ ଏହା କହିବାକୁ ଚାହେଁ ଯେ ଆପଣମାନଙ୍କୁ ସେବା କରିବାର ସୁଯୋଗ ଯଦିଓ ମିଳିପାରିନାହିଁ କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିଙ୍କ ସେବା କରିବା ମନୋଭାବ ନେଇ ଆପଣମାନେ ଯେଉଁଭଳି ଘରୁ ବାହାରିଛନ୍ତି ବା ଘରୁ ବାହାରିବା ମାତ୍ରେ ଆପଣମାନେ ପୂଣ୍ୟରୁ ଭାଗ ହାସଲ କରିନେଇଛନ୍ତି । ଅଲ୍ଲାଃ ତାଲା ଆପଣମାନଙ୍କୁ ସେହି ପ୍ରତିଫଳରୁ କଦାପି ବଂଚିତ ରଖିବେନାହିଁ । ତେବେ ସେ ସମସ୍ତଙ୍କ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଉଛି ଯେ ଅଲ୍ଲାଃ ତାଲା ସେ ସମସ୍ତଙ୍କୁ ତାଙ୍କ ସେବାର ଉତମ ଫଳ ପ୍ରଦାନ କରନ୍ତୁ ।

ଯେପରି କି ମୋର, ପରମ୍ପରା ରହିଛି ଯେ, ଜଲ୍‌ସାର ପରବର୍ତୀ ଜୁମାରେ ମୁଁ କର୍ମକର୍ତା ଓ ସ୍ୱେଚ୍ଛାସେବୀମାନଙ୍କ ଧନ୍ୟବାଦ ଅର୍ପଣ କରିଥାଏ । ଲୋକମାନେ ମଧ୍ୟ ସମଗ୍ର ବିଶ୍ୱରୁ ମତେ ପତ୍ର ଲେଖି ସ୍ୱେଚ୍ଛାସେବୀମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛନ୍ତି । ବର୍ଷା ଓ କାଦୁଅ ଯୋଗୁଁ ପାର୍କିଙ୍ଗରେ ଯାନବାହନ ରଖିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚୟନ କରାଯାଇଥିଲା କିନ୍ତୁ ସେଠାରେ ସମସ୍ୟା ଉପୁଜିବାରୁ ଅନ୍ୟ ସ୍ଥାନକୁ ପାର୍କିଙ୍ଗ ନିମନ୍ତେ ସ୍ଥାନାନ୍ତରିତ କରାଯାଇଥିଲା କିନ୍ତୁ ଜଲ୍‌ସାର ପ୍ରଥମେ ଦିନ ଏବଂ ଦ୍ୱିତୀୟ ଦିନ ତଥା ତୃତୀୟ ଦିନର କିଛି ଘଂଟା ପାଇଁ ଯେଉଁ କାରଗୁଡ଼ିକ ସେଠାରେ ପହଂଚିଥିଲେ, ସେଗୁଡ଼ିକୁ ସେଠାରୁ ବାହାର କରିବା ବଡ଼ କଷ୍ଟକର କାର୍ଯ୍ୟ ଥିଲା । ଏହା ଦୁଇଦିନ ପୂର୍ବ ଚୟନ କରାଯାଇଥିବା ସ୍ଥାନରେ ହିଁ ପାର୍କିଙ୍ଗ କରାଯାଇଥିଲା ଯେଉଠି ସ୍ୱେଚ୍ଛାସେବୀମାନେ ବେଶ୍ ଉଦ୍ୟମ ଓ କଷ୍ଟକରି ଯାନଗୁଡ଼ିକୁ ବାହାର କରିଥିଲେ ଯାହାକୁ ଏମ୍‌ଟିଏର ଚକ୍ଷୁ ଦେଖିନେଇଥିଲା ଓ ସମଗ୍ର ବିଶ୍ୱର ଲୋକମାନଙ୍କୁ ଦେଖାଇଥିଲା । ସ୍ୱେଚ୍ଛାସେବୀମାନେ ଓ କର୍ମୀମାନେ ବାହନଗୁଡ଼ିକୁ କାଦୁଅରୁ ବାହାର କରିବାପାଇଁ ସ୍ୱୟମ ପଙ୍କ କାଦୁଅରେ ନିବିଷ୍ଟ ହୋଇଯାଇଥିଲେ । ଏହି ଉତ୍ସର୍ଗକୁ ଦେଖି ଆପଣା ଓ ପର ସମସ୍ତେ ଆଚମ୍ୱିତ ରହିଯାଇଥିଲେ । ଏଥିରେ ସେମାନଙ୍କ ସହିତ କେତେକ ସମୟରେ ଅନ୍ୟ ବିଭାଗର ସେବକମାନେ ମଧ୍ୟ ନିଜ କାମ ସାରି ସାମିଲ ହୋଇଯାଉଥିଲେ । ସେମାନଙ୍କ ମଧ୍ୟରୁ କିଛି ମତେ ଲେଖିଲେ ଯେ, ଆମେ ସେଠାରେ ସାମିଲ ଥିଲୁ । ସେଠାରେ ପାର୍କିଙ୍ଗ ବ୍ୟବସ୍ଥା ଅତି ଦୁଃସାଧ୍ୟ ହୋଇପଡ଼ିଥିଲା ଯଦ୍ୱାରା ପରବର୍ତୀ ସମୟରେ ସେଠାରୁ ଅନ୍ୟ ସ୍ଥାନକୁ ପାର୍କିଙ୍ଗ ବ୍ୟବସ୍ଥା ସ୍ଥାନାନ୍ତରିତ କରାଯାଇଥିଲା । ଯେପରି କି ମୁଁ କହିଲି । କିନ୍ତୁ ପ୍ରଥମ ଓ ଦ୍ୱିତୀୟ ଦିନ ତଥା ତୃତୀୟ ଦିନର କିଛି ଘଂଟା ବିନିଯୋଗ କରି ବହୁ କଷ୍ଟରେ ସେବକମାନେ ଗାଡ଼ିଗୁଡ଼ିକୁ ବାହାର କରିଥିଲେ ଯାହାକି ଅତି କଷ୍ଟକର ବ୍ୟାପାର ଥିଲା । ତାହାକୁ ଦେଖି ଅଣଅହେମଦୀ ଓ ଅଣମୁସଲମାନମାନେ ମଧ୍ୟ ମୁକ୍ତ କଣ୍ଠରେ ଏହା ପରିପ୍ରକାଶ କରିଥିଲେ ଯେ, ଆଜି ବିଶ୍ୱରେ ଏଭଳି ଦୃଶ୍ୟ କୌଣସିଠାରେ ଦେଖିବାକୁ ମିଳିନଥାଏ ଏବଂ ତାହା ଦେଖି ବିଶ୍ୱାସ ହେଉନି ଯେ, ବାସ୍ତବରେ କ'ଣ ଏହା ସତ । ଏଠାରେ ଅଫିସର ଓ କର୍ମଚାରୀ ସଭିଏଁ ଗାଡ଼ିଗୁଡ଼ିକୁ କାଦୁଅରୁ ବାହାର କରିବାପାଇଁ ପ୍ରୟାସରତ ଏବଂ ସେମାନେ ନିଜେ ମଧ୍ୟ କାଦୁଅରେ ସୁରୁବୁରୁ ହୋଇଯାଇଛନ୍ତି । ଏମାନେ ସେହି ଲୋକ ଯିଏ ଜିନ୍‌ମାନଙ୍କ ପରି କାମ କରିଥାନ୍ତି, ଯେଉଁମାନଙ୍କୁ ଅଲ୍ଲାଃ ତାଲା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଜମାତ୍‌କୁ ପ୍ରଦାନ କରିଛନ୍ତି ।

ସେହିପରି ସ୍ୱଚ୍ଛତା ବିଭାଗ, ଭୋଜନ ପ୍ରସ୍ତୁତି କରିବା, ଖାଦ୍ୟ ପ୍ରସ୍ତୁତି, ରୁଟି ପ୍ରସ୍ତୁତି କରିବା ଆଦି ସମ୍ପୁର୍ଣ୍ଣ ବିଭାଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥିଲା ଜଲ୍‌ସା ସ୍ଥଳରେ ମାର୍କିଙ୍ଗ (ବସିବା ସ୍ଥଳରେ ଚିହ୍ନ ଲଗାଇବା), ଟ୍ରାକ ବିଛାଇବା ଇତ୍ୟାଦି ଇତ୍ୟାଦି ଅନେକ କାର୍ଯ୍ୟ ରହିଥିଲା । ଏହି ସବୁ କାର୍ଯ୍ୟ ପାଇଁ ସ୍ୱେଚ୍ଛାସେବୀମାନେ ଅହରହ ଭାବରେ ଅନେକ ସପ୍ତାହ ଆସୁଥିଲେ ଓ ସମୟ ବ୍ୟତିତ କରୁଥିଲେ । ବର୍ତମାନ ସେମାନେ ୱାଇଣ୍ଡ ଅପ୍ ପାଇଁ ମଧ୍ୟ ପୁର୍ଣ୍ଣ ସମୟ ଦେଉଛନ୍ତି । ଏମ୍‌ଟିଏ ମଧ୍ୟ ଅତ୍ୟନ୍ତ କଠିନ ପରିଶ୍ରମର ସହିତ କାର୍ଯ୍ୟକ୍ରମଗୁଡ଼ିକର ପ୍ରସାରଣ କରିଥିଲା ଏବଂ ନା କେବଳ ବିଶ୍ୱକୁ ଜଲ୍‌ସାର କାର୍ଯ୍ୟକ୍ରମଗୁଡ଼ିକୁ ଦେଖାଇଲା ବରଂ ଆମମାନଙ୍କୁ ଜଲ୍‌ସା ସ୍ଥଳରେ ଏବଂ ବିଭିନ୍ନ ଦେଶରେ ସାମୂହିକ ରୂପେ ଜଲ୍‌ସାରେ ଯୋଗ ଦେଇଥିବା ଲୋକମାନଙ୍କର ଦୃଶ୍ୟ ଦେଖାଉଥିଲା । ତାହା ଏପରି ପତିତ ହେଉଥିଲା ଯେପରି ଆନ୍ତର୍ଜାତିକ ସ୍ତରରେ ଏହା ଗୋଟିଏ ଗୃହର ମାନଚିତ୍ର ଅଙ୍କନ କରୁଅଛି । ଅତଏବ ମୁଁ ସମସ୍ତ କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି, ଯେଉଁମାନେ ଏହି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଃସ୍ୱାର୍ଥପର ଭାବରେ ନିଜ ନିଜର ସେବା ସମ୍ପାଦନ କରିଥିଲେ ଯାହା ଫଳରେ ଆମର ଏହି ଜଲ୍‌ସା ସଫଳ ହୋଇପାରିଲା । ତେବେ ଜଲ୍‌ସାର ଏହି କାର୍ଯ୍ୟକ୍ରମ ଯାହାକି ଜଲ୍‌ସାର ଆୟୋଜନ ଆରମ୍ଭ ହେବାଠାରୁ ଜଲ୍‌ସାର ଜ୍ଞାନଭିତିକ ଓ ସଂସ୍କାରଭିର୍ତିକ ବକ୍ତୃତା ଆଦିକୁ ଏମ୍‌ଟିଏ ଏଭଳି ସୁନ୍ଦର ଭାବରେ ଦେଖାଇଥିଲା ଯେ ସମଗ୍ର ବିଶ୍ୱରେ ବସବାସ କରୁଥିବା ଅହେମଦୀ ଓ ଅଣଅହେମଦୀ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇଥିଲେ ଯେ, ଏଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପ୍ରଭୁ କିଭଳି ବ୍ୟାପକ ସ୍ତରରେ ଜଲ୍‌ସା ଆୟୋଜନ କରିବାକୁ ଏମାନଙ୍କୁ ଶକ୍ତି ପ୍ରଦାନ କରିଛନ୍ତି ଯାହାଫଳରେ ଆମକୁ ଏଭଳି ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳୁଛି । ଏଭଳି ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିପାରୁଛି ।

ମୋର ବିଚାର ଥିଲା କି ସ୍ୱେଚ୍ଛାସେବୀ କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନ କରି ମୁଁ ନିଜର ଚିରାଚରିତ ଖୁତ୍‌ବାର ବିଷୟ ବସ୍ତୁକୁ ପୂର୍ବ ପରି ବର୍ଣ୍ଣନା କରିବି । କିନ୍ତୁ ସମଗ୍ର ବିଶ୍ୱରୁ ଜଲ୍‌ସା ଶୁଣିଥିବା ଶ୍ରୋତାମାନଙ୍କର ମତାମତ ଏବଂ ଆବେଗର ଏଭଳି ମାତ୍ରାଧିକ ପତ୍ରର ସୁଅ ଛୁଟିଲା, ଯାହା ଫଳରେ ମୁଁ ଚିନ୍ତା କଲି ଯେ, ଆଜିର ଖୁତ୍‌ବାରେ ପୂର୍ବପରି ସେହି ପ୍ରତିକ୍ରିୟାମୂଳକ ମତାମତର ଏବଂ ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଜ୍ଞାପନ କରିବି । ଏ ସମସ୍ତ କଥନ ବ୍ୟାଖ୍ୟା କରିବା ତ ସମ୍ଭବ ନୁହେଁ ଯାହାକି ସେମାନଙ୍କ ମତାମତ ହସ୍ତଗତ ହୋଇଛି କିନ୍ତୁ ନମୁନା ସ୍ୱରୁପ କିଛି ସଂଗ୍ରହ କରିଛି ଯାହାକି ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଦେଉଛି ।

ଚଳିତ ବର୍ଷ ଭିନ୍ନ ଶୈଳୀରେ ଓ ଭିନ୍ନ ଧରଣ ଜଲ୍‌ସା ଅନୁଷ୍ଠିତ ହେବା ସଙ୍ଗେସଙ୍ଗେ ଅଲ୍ଲାଃ ତାଲା ନିଜର କୃପା ଓ ଅନୁଗ୍ରହର ଦ୍ୱାର ଏଭଳି ଭାବରେ ଉନ୍ମୁକ୍ତ କରିଦେଲେ ଯେ, ତାହା ଦେଖି ମନୁଷ୍ୟ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରି ତାଙ୍କ ସମ୍ମୁଖରେ ନତମସ୍ତକ ହୋଇଯାଇଥାଏ ଯେ କିଭଳି ପ୍ରଭୁ ନିଜର କୃପା ଯମାତ୍ ଉପରେ ଅବତୀର୍ଣ୍ଣ କରିଚାଲିଛନ୍ତି ଯେ, ଏଭଳି ପ୍ରତିକୂଳ ପରିସ୍ଥିତି ସତ୍ୱେ ପ୍ରାୟତଃ ଯମାତ୍ ନିଜର ଚିରାଚରିତ ପ୍ରଥାକୁ ବଜାୟ ରଖିଛି ଓ ଜଲ୍‌ସାର ଆୟୋଜନ କରିଚାଲିଛି । ଏଠାରେ ଗୋଟିଏ କଥାର ଲୋକମାନେ ଦୁଃଖ ମଧ୍ୟ ପ୍ରକାଶ କରିଛନ୍ତି ଯେ, ଜଲ୍‌ସାରେ ଗୋ୍ଟିଏ କାର୍ଯ୍ୟ ଯାହାକି ଆଲ୍‌ମି ବୟତ ଅର୍ଥାତ ଆର୍ନ୍ତଜାତିକ ବୟତ ଅଟେ ତାହା ଚଳିତ ବର୍ଷ ହୋଇପାରିଲା ନାହିଁ ଏବଂ ଏହା ଆମକୁ ଲାଗୁଛି ଗୋଟିଏ ଶୂନ୍ୟସ୍ଥାନ ରହିଗଲା । ସେ ଯାହା ହେଉ ନା କାହିଁକି ଏପରି ପ୍ରତିକୂଳ ପରିସ୍ଥିତିରେ ବୟତ ନେବା ସମ୍ଭବପର ମଧ୍ୟ ନଥିଲା ତେଣୁକରି ସେହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହେଲାନାହିଁ । ପ୍ରତିବର୍ଷ ପରି ଚଳିତ ବର୍ଷ ଆନ୍ତର୍ଜାତିକ ବୟତ ହେଲା ନାହିଁ, ଯାହାର ଲୋକମାନେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ । ସେ ଯାହା ହେଉ ନା କାହିଁକି ଏପରି ପରିସ୍ଥିତିରେ ବୟତ ନେବା ସମ୍ଭବପର ନଥିଲା ।

ବର୍ତମାନ ମୁଁ କିଛି ରିପୋର୍ଟସ ଆଉ ମନ୍ତବ୍ୟ ସଂକ୍ଷିପ୍ତ ଭାବରେ ଆଲୋଚନା କରିଦେଉଛି । ଚଳିତ ବର୍ଷ ପ୍ରଥମ ଥର ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ବିଭିନ୍ନ ଜମାଅତ୍ ନିଜ ନିଜ ସ୍ଥାନରେ ବସି ଜଲ୍‌ସାରେ ସାମିଲ ହୋଇଥିଲେ ଏବଂ ଏହି ଆଧ୍ୟାତ୍ମିକ ପରିବେଶରେ ଯୋଗ ଦେଇଥିଲେ । ୟୁ.କେର ୫ଟି ସ୍ଥାନରେ ଜଲ୍‌ସା ଶୁଣିବାର ବ୍ୟବସ୍ଥା ହୋଇଥିଲା । ୟୁ.କେ ବ୍ୟତୀତ ଅନ୍ୟ ୨୨ ଗୋଟି ଦେଶର ୩୭ଟି ସ୍ଥାନରେ ପରିବ୍ୟାପ୍ତ ଜମାତ୍‌ରେ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକମାନେ ଜଲ୍‌ସାରେ ସାମିଲ ହୋଇଥିଲେ । ସେହି ଦେଶଗୁଡ଼ିକ ମଧ୍ୟରେ ଆମେରିକା, କାନାଡ଼ା, ଅଷ୍ଟ୍ରେଲିୟା, ଇଣ୍ଡୋନେସିଆ, ବାଂଲାଦେଶ, ମୋରିସସ୍, କବାବିର୍, ଭାରତ, ବୁର୍କିନାଫାସୋ, ଘାନା, ନାଇଜେରିୟା, ଗ୍ୟାମ୍ବିୟା, ତାଞ୍ଜାନିୟା, ଫ୍ରାନ୍ସ, ସୁଇଜରଲ୍ୟାଣ୍ଡ, ଜର୍ମାନୀ, ସ୍ୱିଡ଼େନ୍, ବେଲ୍‌ଜିୟମ୍, ଫିନ୍‌ଲ୍ୟାଣ୍ଡ, ହଲାଣ୍ଡ ଆଦି ଅନ୍ତର୍ଭୁକ୍ତ । ଏକ ଆକଳନ ଅନୁଯାୟୀ ମହିଳା ଅଧିବେଶନକୁ ପାଖାପାଖି ୩୩,୦୦୦ ମହିଳାମାନେ ଦେଖିଲେ ଏବଂ ଶୁଣିଥିଲେ ।

ନାଇଜେରିଆର ଜଣେ ଅଣଅହେମଦୀ ବନ୍ଧୁ ଶ୍ରୀମାନ୍ ଇସା ସାହେବ ଜଲ୍‌ସାର ତିନିଦିନର କାର୍ଯ୍ୟକ୍ରମରେ ମୋ ଅଭିଭାଷଣ ଶୁଣିବାପାଇଁ ମିଶନ୍ ହାଉସ୍ ଆସିଥିଲେ । ସେ କୁହନ୍ତି ଏହା ପୂର୍ବରୁ ମୁଁ ଶୁଣିଥିଲି ଯେ ଯମାତ୍ ଅହେମଦିୟା ଇସ୍‌ଲାମ୍ ବିରୋଧି ଓ ସେମାନେ ନିଜ ମସ୍‌ଜିଦ୍‌ରେ ଟିଭି ରଖିଛନ୍ତି ଯାହାକି ଅବୈଧ ଅଟେ କିନ୍ତୁ ଜଲ୍‌ସା ଦେଖିବା ପରେ ସେ କହିଲେ, ଯଦି ସମସ୍ତ ମୁସଲମାନ ଗୋଷ୍ଠୀ ଅହେମଦିମାନଙ୍କ ପରି ଏକ ହୋଇଯାଆନ୍ତି ଯେପରି ଏମାନେ ସମସ୍ତଙ୍କ ନିକଟରେ ଇସ୍‌ଲାମ୍‌ର ବାର୍ତା ପହଂଚାଉଛନ୍ତି ତେବେ ମୁସଲମାନମାନେ ଏଭଳି ସୁଦୃଢ଼ ଓ ଶକ୍ତିଶାଳୀ ହୋଇ ଯିବେ ଯାହାଙ୍କ ବିରୋଧରେ କୌଣସି ଶକ୍ତି ସ୍ୱର ଉତୋଳନ କରିପାରିବ ନାହିଁ । ଯମାତ୍ ଅହେମଦିୟାରେ ଯେଉଁ ଏକତା ଅଖଣ୍ଡତା ରହିଛି ତାହା ମୁଁ ଜଲ୍‌ସାରେ ଅବଲୋକନ କଲି ଏବଂ ମୋ ଦୃଷ୍ଟିରେ ଏହା ହେଉଛି ସତ୍ୟତାର ଏକ ପ୍ରମାଣ ।

ପୁନଶ୍ଚ ଜ୍ୟାମ୍ବିୟାର ନବାଗତ ଅହେମଦୀଙ୍କ ବ୍ୟତିତ ଅଣଅହେମଦୀମାନେ ମଧ୍ୟ ଜଲ୍‌ସା ଦେଖୁଥିଲେ ସେଠାରେ ଗୋଟିଏ ସ୍ଥାନରେ ୩୫ ଜଣ ଅଣଅହେମଦୀ ବ୍ୟକ୍ତି ଏକତ୍ରିତ ଥିଲେ । ଜଣେ ଇସାଇ ଟିଚର ଜଲ୍‌ସାର କାର୍ଯ୍ୟକ୍ରମ ଦେଖି କହିଲେ, ଆଜି ମୁଁ ଏହି କାର୍ଯ୍ୟକ୍ରମ ଦେଖି ଅତି ଆନନ୍ଦିତ । ଆଜି ମୁଁ ଇସ୍‌ଲାମ୍ ବିଷୟରେ ଜାଣିଲି ଯେ, ଏହା ହେଉଛି ଏକ ସତ୍ ଧର୍ମ ଏବଂ ବିଶ୍ୱରେ ଏପରି କୌଣସି ଧର୍ମନାହିଁ ଯିଏ ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣ କରିଥାଏ । ଏଠାରୁ ମତେ ଅନେକ କଥା ଶିଖିବାକୁ ମିଳିଲା ।

ଗେବୁନ୍‌ର ମୁବ୍‌ଲିଗ୍ ଇନ୍‌ଚାର୍ଜ ସାହେବ ଲେଖିଛନ୍ତି ଜଣେ ଅଣଅହେମଦୀ ପୋଲିସ୍ ଅଫିସର ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିବା ପାଇଁ ନିଜ ପତ୍ନୀଙ୍କ ସହିତ ଆମ ମିଶନ୍ ହାଉସ୍ ଆସିଲେ । ଏହା ପୂର୍ବରୁ ସେ ଯମାତ୍ ସଂକ୍ରାନ୍ତରେ ବିଶେଷ ଆଗ୍ରହ ବା ରୁଚି ରଖୁନଥିଲେଏ ଆଗ୍ରହ ପ୍ରକାଶ କରୁନଥିଲେ କିନ୍ତୁ ଜଲ୍‌ସାରେ ଜଣେ ଲେବ୍‌ନାନ୍ ନବାଗତ ଅହେମଦୀଙ୍କ ଇସ୍‌ଲାମ୍ ଗ୍ରହଣ କରିଥିବା ବିଷୟରେ ଶୁଣିବାକୁ ପାଇଲେ । ତେଣୁ ସେ ଏହା ଜାଣିବାକୁ ଚାହିଁଲେ ଯେ, ଜଲ୍‌ସା ପରେ ମୁଁ ଏମ୍‌ଟିଏ କିଭଳି ଦେଖିପାରିବି ? ତାଙ୍କୁ କୁହାଗଲା ଯେ, ଆପଣ ୟୁଟ୍ୟୁବ ମାଧ୍ୟମରେ ଏମ୍‌ଟିଏ ଦେଖିପାରିବେ ଏଥିରେ ସେ ସଙ୍ଗେସଙ୍ଗେ ନିଜ ମୋବାଇଲ୍ ବାହାର କରି ଏମ୍‌ଟିଏ ଫ୍ରେଂଚ ଚ୍ୟାନେଲ୍ ଲଗାଇ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିବା ଆରମ୍ଭ କଲେ ଏବଂ କହିଲେ, ବର୍ତମାନ ମୁଁ ଏତଦଦ୍ୱାରା ଯମାତ୍ ଅହେମଦୀୟା ସଂକ୍ରାନ୍ତରେ ଅଧିକ ତଥ୍ୟ ପାଇପାରିବି । ନାଇଜେରିଆରୁ ଜଣେ ଅଣଅହେମଦୀ ବନ୍ଧୁ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିବା ପରେ ଏହା କହିଲେ ଯେ ମୋର ପୂର୍ଣ୍ଣ ବିଶ୍ୱାସ ହୋଇଯାଇଛି ଯେ, ସଂସାରରେ ଯଦି କୌଣସି ସତ୍‌ଧର୍ମ ରହିଛି ତେବେ ତାହା ଅହେମଦୀୟତ୍ ଅଟେ । ମୁଁ ଖୁବ୍ ଶିଘ୍ର ଏଥିସହିତ ମିଳିତ ହୋଇଯିବି । ଆଉଜରେ ଅଣଅହେମଦୀ ନିଜ ମତବ୍ୟକ୍ତ କରି କହିଲେ: ସୁନିଶ୍ଚିତ ରୂପେ ଏହି ଯମାତ୍ ସଚ୍ଚୋଟ ଏବଂ ବିଶ୍ୱାସକାରୀଙ୍କ ଯମାତ୍ । ମୁଁ ଏଠାରେ ଏହା ଦେଖିବାକୁ ପାଇଲି ଯେ ପ୍ରବଳ ବର୍ଷାରେ ମଧ୍ୟ ସେବକମାନେ ନିଜ ନିଜ ଦାୟିତ୍ୱ ତୁଲାଇବରେ ମାତି

ରହିଛନ୍ତି । ଅତିଥିମାନଙ୍କ ସେବା କରିବାପାଇଁ ତତ୍ପର । ପ୍ରୀୟ ହଜୁର ଅନଓ୍ୱର ଅ:ବ:ଅଙ୍କର ମହିଳାମାନଙ୍କୁ ଯେଉଁ ଅଭିଭାଷଣ ଥିଲା ତାହା ଅତି ସୁନ୍ଦର ବର୍ଣ୍ଣନା ଥିଲା ।

ଜଣେ ଅଣଅହେମଦୀ ଜାପାନୀ ବନ୍ଧୁ ମାଶିମୁ ଓସାମୁ ସାହେବ ନିଜର ମତବ୍ୟକ୍ତ କରି କହିଲେ ହଜୁର ଅନଓ୍ୱର ଅ:ବ:ଅଙ୍କ ଜାପାନ ଗସ୍ତ ଅବସରରେ ଆତିଥ୍ୟତାର ମୁଁ ସୌଭାଗ୍ୟ ଅର୍ଜନ କରିଥିଲି । ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ଯେତେବେଳେ ଜାପାନ ଯାଇଥିଲି, ସେତେବେଳେ ହିରୋସିମା ଯାଇଥିଲି । Machima Osamu ସାହେବ ସେଠାରେ ମୋର ଅତିଥି ସତ୍କାର କରିଥିଲେ । ୨୦୧୭ ପିସ୍ କନ୍‌ଫରେନ୍ସରେ ମଧ ସେ ସାମିଲ ହୋଇଥିଲେ । ମାଶିମୁ ଓସାମା କହିଲେ ଆଜି ମୁଁ ଯେତେବେଳେ ୬ ଅଗଷ୍ଟର ଖୁତ୍‌ବା ଶୁଣିଲି ସେତେବେଳେ ଜାପାନ ପାଇଁ ଜମାତ୍ ଅହେମଦିୟାର ଯେଉଁ ସେବାକାର୍ଯ୍ୟ ଥିଲା ସେ କଥା ମନେପଡ଼ିଗଲା ଯେ କିଭଳି ଯମାତ୍ ଅହେମଦିୟାର ଦ୍ୱିତୀୟ ଖଲିଫା ୧୦ ଅଗଷ୍ଟ ୧୯୪୫ ମସିହାରେ ଜୁମା ଦିନ ହିରୋସୀମାରେ ପରମାଣୁ ବୋମାର ଆକ୍ରମଣ ଦ୍ୱାରା ଘଟିଥିବା ଧ୍ୱଂସର ବିଭୀଷିକା ବିରୋଧରେ ସ୍ୱର ଉତୋଳନ କରିଥିଲେ ଓ ଏହା ହିରୋସୀମା ପକ୍ଷରେ ଉଠିଥିବା ପ୍ରଥମ ସ୍ୱର ଥିଲା । ସେଥିଅନ୍ତେ ଉପସ୍ଥିତ ଖଲିଫା ପୂର୍ନବାର ହିରୋସୀମା ଗସ୍ତ ଅବସରରେ ଶାନ୍ତି ପ୍ରତିଷ୍ଠା ପାଇଁ ଯେଉଁ ବାର୍ତା ପ୍ରଦାନ କଲେ ତାହା ମୋ ପାଇଁ ଅବିସ୍ମରଣୀୟ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା । ଆଜି ମୋ ମନରେ ଏହି ଆଗ୍ରହ ଜାତ ହୋଇଛି ଯେ, ଏମ୍‌ଟିଏ ଆଫ୍ରିକା ପରି ଏମ୍‌ଟିଏ ଜାପାନ ମଧ ଖୁବ୍ ଶିଘ୍ର ଆରମ୍ଭ ହୋଇଯାଉ । ଆଜି ଜଲ୍‌ସାର ପରିବେଶ ଏବଂ ସମଗ୍ର ପୃଥିବୀରୁ ଲୋକମାନଙ୍କର ଏକତ୍ରିକରଣକୁ ଦେଖି ମୋ ମନରେ ଏହି ଅନୁଭବ ଜାଗ୍ରତ ହେଉଛି ଯେ, ସମଗ୍ର ପୃଥିବୀକୁ ଏକ ପ୍ଲାଟଫର୍ମରେ (ମଂଚରେ) ଆଣି ଏକତ୍ରିତ କରିବା ଏବଂ ଶାନ୍ତି ଓ ସୌହାର୍ଦ୍ଦ୍ୟତାର ବାତାବରଣ ସୃଷ୍ଟି କରିବା ସକାଶେ ଜମାଅତ୍ ଅହେମଦିୟାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଏହା ଅତି ସ୍ୱଷ୍ଟ ଭାବରେ ଅବଲୋକନ କରାଯାଇପାରୁଛି ।

ଜାମ୍ବିଆର ଲୋସାକା ଇଲାକାରୁ ଆଉ ଜଣେ ଅଣଅହେମଦୀ ଶିକ୍ଷକ କହିଲେ ଯେ, ଆଜି ଆମେ ଆପଣଙ୍କ ଖଲିଫାଙ୍କ ଠାରୁ ଗୋଟିଏ କଥା ଶିଖିବାକୁ ପାଇଲୁ ଯେ, ଇସ୍‌ଲାମ୍ ମହିଳାମାନଙ୍କୁ ସ୍ୱାଧିନ ଭାବରେ ମତପ୍ରକାଶ କରିବାର ଅଧିକାର ପ୍ରଦାନ କରିଥାଏ ବା କରିଛି । ଇସ୍‌ଲାମ୍ ସେମାନଙ୍କୁ ନିଜ ପସନ୍ଦରେ ନିଜ ଜୀବନ ସାଥି ଚୟନ କରିବାର ମଧ ଅଧିକାର ପ୍ରଦାନ କରିଛି କିନ୍ତୁ କେତେକ ସମାଜରେ ବଳ ପୂର୍ବକୁ ମହିଳାମାନଙ୍କୁ ବିବାହ କରିଦିଆଯାଉଛି ଓ ସେମାନଙ୍କ ଅଧିକାର କ୍ଷୂର୍ଣ୍ଣ କରାଯାଉଛି ଓ ମହିଳାମାନଙ୍କ ପସନ୍ଦ ଓ ନାପସନ୍ଦକୁ ଅଣଦେଖା କରାଯାଉଛି । ପୁନଶ୍ଚ କହିଲେ ଇସ୍‌ଲାମ୍ ଏକମାତ୍ର ଧର୍ମ ଯିଏ ନାରୀମାନଙ୍କର ଅଧିକାର ଉପରେ ଜୋର ଦେଇଛି । ଇସ୍‌ଲାମ୍ ପୁରୁଷମାନଙ୍କୁ ଯେଉଁ ସ୍ଥଳେ ଏକାଧିକ ବିବାହ କରିବାକୁ ଅନୁମତି ପ୍ରଦାନ କରିଛି ସେହି ସ୍ଥଳେ ସେମାନଙ୍କୁ ଦୃଢ଼ ନିର୍ଦ୍ଦେଶ ମଧ ଦେଇଛି ଯଦି ନ୍ୟାୟ ପତ୍ନୀମାନଙ୍କ ମଧରେ ସମାନ ନ୍ୟାୟ କରିପାରିବ ତାହେଲେ ଏପରି କର ଅର୍ଥାତ ଏକରୁ ଅଧିକ ବିବାହ କର ଯଦି ନ୍ୟାୟ ରକ୍ଷା କରିବାରେ ତୁମକୁ ଆଶଙ୍କା ରହିଥାଏ ଭୟ ରହିଥାଏ ତେବେ ଗୋଟିକରେ ହିଁ ସନ୍ତୁଷ୍ଟ ରୁହ ଅର୍ଥାତ ଗୋଟିଏ ବିବାହରେ ସନ୍ତୁଷ୍ଟ ରୁହ । ଏହା ଅତି ସୁନ୍ଦର ଇସ୍‌ଲାମୀୟ ଶିକ୍ଷା ଓ ଅହେମଦୀମାନେ ଆ ଉପରେ ପରିଚାଳିତ ହେଉଛନ୍ତି ।

ପୁନଶ୍ଚ ନାଇଜର ରିଜିଅନ୍‌ର ତସାଓ୍ୱରରୁ ଜଣେ ଅଣଅହେମଦୀ ବନ୍ଧୁ ମୁମନ୍ ଗାଲି ସାହେବ କୁହନ୍ତି ଜଲ୍‌ସାରେ ସାମିଲ ହେବାର ଏହା ମୋର ପ୍ରଥମ ଅବସର ଥିଲା ଏବଂ ମୁଁ ଏଥିରେ ବେଶ୍ ପ୍ରଭାବିତ ହେଲି ଏବଂ ଏମିତି ଉଦାହରଣ ଯଦି ବାକି ମୁସଲମାନମାନେ ଆପଣାଇ ନିଅନ୍ତି ତେବେ ନିଶ୍ଚିତ ରୂପେ ବିଶ୍ୱରେ ମୁସଲମାନମାନେ ଉନ୍ନତିର ଅନେକ ସ୍ତରକୁ ହାସଲ କରିନେବେ । ପୁଣି ନାଇଜର ଦେଶର ଜଣେ ଅଣଅହେମଦୀ ଇଞ୍ଜିନିୟର ଉସାମା ସାହେବ ନାଇଜରରୁ କୁହନ୍ତି ମତେ ଏହି କଥା ସବୁଠାରୁ ଅଧିକ ପ୍ରଭାବିତ କଲା ଯେ, ଏତେ ସଂଖ୍ୟାରେ ଭିନ୍ନ ଭିନ୍ନ ଦେଶରୁ ଭିନ୍ନ ଭିନ୍ନ ଲୋକ ସାମିଲ ହେବା ସତ୍ୱେ ସଭିଏଁ ଯେଉଁ ଆଜ୍ଞାକାରିତାର ପ୍ରଦର୍ଶନ କରୁଥିଲେ ତାହା ପୁଣି କରୋନା ମାହାମାରୀ ସମୟରେ ଏବଂ ପୁଣି ଏଭଳି ପର୍‌ଫେକ୍ଟ ବ୍ୟବସ୍ଥା କରିବା ବାସ୍ତବ ପକ୍ଷେ ଦେଖିବା ଯୋଗ୍ୟ ବିଷୟ ।

ନାଇଜରର ଅମୀର ସାହେବ ଲେଖିଛନ୍ତି ଜଣେ ଅଣଅହେମଦୀ ଅତିଥି ମରିୟମ୍ ସାହେବା କହିଲେ ଯେ, ଆଜି ଇମାମ୍ ଯମାତ୍ ଅହେମଦୀୟାଙ୍କ ଅଭିଭାଷଣ ଶୁଣି ମୁଁ ମହିଳାମାନଙ୍କ ଅଧିକାର ଏବଂ କର୍ତବ୍ୟ ଉଭୟ କଥାର ବାସ୍ତବିକତା ଜାଣିପାରିଛି । ନଚେତ ଏହି ଆଫ୍ରିକାରେ ନାରୀମାନେ ଯେଉଁଭଳି ଦୁଃଖ ଓ ଦୁର୍ଦ୍ଦିନରେ ଜୀବନ ଅତିବାହିତ କରୁଛନ୍ତି ତାହାର କଳନା ହିଁ ବିକାଶଶୀଳ ରାଷ୍ଟ୍ରମାନେ କଦାପି କରିପାରିବେ ନାହିଁ । ଆପଣମାନଙ୍କ କହିବା ଏବଂ କରିବା ମଧରେ ତାଳମେଳ ଓ ସ୍ୱମନ୍ୱୟତା ରହିଛି । ଯଦି ଅହେମଦୀମାନଙ୍କ କର୍ମ ଓ କଥନରେ ତାଳମେଳ ରହିଥାଏ ତେବେ ଅହେମଦୀମାନଙ୍କ ଠାରୁ ଭଲ ଲୋକ ଆଉ ଏ ଦୁନିଆରେ କେହି ନାହାନ୍ତି । ହଜୁର ଅନଓ୍ୱର କହିଲେ ଏହା କେବଳ ଭାଷଣ ପାଇଁ ନୁହେଁ ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ନିଜ ଘରେ ଏହି ଶିକ୍ଷାର ଉଦାହରଣ ପ୍ରଦର୍ଶନ କରିବାକୁ ହେବ । କେବଳ ଭାଷଣ ଦେବାପାଇଁ ନୁହେଁ ବରଂ ଅମଳ ଦ୍ୱାରା ଇସ୍‌ଲାମ୍‌ର ଏହି ଶିକ୍ଷା, ଯାହା ଲୋକମାନଙ୍କୁ ପ୍ରଭାବିତ କରୁଛି ତାହା ଏପରି ଲୋକମାନଙ୍କ ହୃଦୟରେ ବସା ବାନ୍ଧିଯିବ ।

ନାଇଜେରିୟାର ଆଉ ଜଣେ ଅଣଅହେମଦୀ ବନ୍ଧୁ ଶ୍ରୀମାନ୍ ଫରିଦ୍ ମୁସା ସାହେବ କୁହନ୍ତି ଖଲିଫାଙ୍କର ମହିଳାମାନଙ୍କ ନିମନ୍ତେ ଯେଉଁ ଅଭିଭାଷଣ ଥିଲା ତାହା ଅତି ଚିତାକର୍ଷକ ଥିଲା । ଆଉ ଜଣେ ଅଣଅହେମଦୀ ମହିଳା ମରିୟମ ଇଲିଆସ୍ ସାହିବା ମଧ ସେହି ସମାନ୍ କଥା କହି ଅଧିକନ୍ତୁ କହିଲେ, ଆଜି ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ମୁଁ ଜାଣିପାରିଛି ଓ ମୁଁ ଜଣେ ମହିଳା ହୋଇଥିବା ଯୋଗୁଁ ଆଜି ଗର୍ବ ଅନୁଭବ କରୁଛି ଯେ ମୁଁ ହେଉଛି ଜଣେ ମହିଳା । ପ୍ରଭୁ କରନ୍ତୁ ଯେ ଏକଥା ସଭିଏଁ ବୁଝି ପାରନ୍ତୁ ଯଦ୍ୱାରା ସମଗ୍ର ବିଶ୍ୱ ଗୋଟିଏ ସ୍ୱର୍ଗ ପାଲଟିଯିବ ।

ନାଇଜେରିଆର ଜଣେ ଅଣଅହେମଦୀ ମହିଳା ଶ୍ରୀମତି ନଫିସା ଆଦ୍‌ମୁସ୍ କୁହନ୍ତି ଆଜି ମୁଁ ପ୍ରଥମଥର ଖଲିପାଙ୍କ ଉଦ୍‌ଭୋଦନ ଶୁଣିଲି ଏବଂ ତାହା ଶୁଣି ମୋ ଉପରେ ଏକଥା ଦିବାଲୋକ ପରି ସ୍ୱଷ୍ଟ ହୋଇଗଲା ଯେ, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ନାରୀଙ୍କୁ ଯେଉଁ ମର୍ଯ୍ୟାଦା ଓ ସମ୍ମାନ ପ୍ରଦାନ କରିଛନ୍ତି । ଯଦି ଆଜି ସଂସାରରେ ତାହା କିଏ ପୂରଣ କରୁଅଛି ତେବେ ସେ ହେଉଛି ଯମାତ୍ ଅହେମଦୀୟା । ପୁନଶ୍ଚ ମୁଁ ସେହି କଥା କହିବି ଯେ ଏହି ଦୃଷ୍ଟିକୋଣରୁ ପ୍ରତ୍ୟେକ ଅହେମଦୀ ପୁରୁଷ ଓ ମହିଳାଙ୍କୁ ନିଜର ବିଶ୍ଳେଷଣ କରିବା ଉଚିତ ଯେ ନିଜ ଘରେ ନିଜ ଆଚରଣ ଠିକ୍ ରଖନ୍ତୁ ଏବଂ ସଂସାରବାସୀଙ୍କ ସହ ବିଶ୍ୱାସଘାତକତା କରନ୍ତୁ ନାହିଁ ।

ନାଇଜେରିୟାର ଅମୀର ସାହେବ ଲେଖିଛନ୍ତି ଜଣେ ଅଣଅହେମଦୀ ବନ୍ଧୁ ଅଲ୍‌ହାଜ୍ ହୁସୈନ୍ ସାହେବ ବୃତିଗତ ଭାବରେ ସେ ଜଣେ ବ୍ୟବସାୟୀ ଓ ବହୁତ ବ୍ୟସ୍ତ ଲୋକ । କିନ୍ତୁ ଯେତେବେଳେ ତାଙ୍କୁ ଜଲ୍‌ସାରେ ସାମିଲ ହେବାପାଇଁ ନିମନ୍ତ୍ରଣ ଦିଆଗଲା ସେତେବେଳେ ସେ ତାହାକୁ ସ୍ୱୀକାର କରିନେଲେ । ପରେ ନିଜ ମତ ବ୍ୟକ୍ତ କରି କହିଲେ, ଔପଚାରିକ ଭାବରେ ଆପଣଙ୍କ ଜଲ୍‌ସାରେ ଯୋଗ ଦେବାପାଇଁ ଆସିଯାଇଥିଲି ଓ ମନେ ମନେ ଏକଥା ଚିନ୍ତା କରିଥିଲି ଯେ, ଏହା କୌଣସି ସାଂସାରିକ ମେଳା ହୋଇଥିବ ତେଣୁ କରି ସମ୍ଭବତଃ ଦିନେ କିମ୍ୱା ଓଳିଏ ଦେଖି ଚାଲିଯିବି କିନ୍ତୁ ପ୍ରଥମ ଅଧିବେଶନ ଦେଖିବାପରେ ମନସ୍ଥ କରିନେଲି ଯେ ଜଲ୍‌ସାର ତିନିଦିନ ଏଠାକୁ ଆସି ଜଲ୍‌ସା ରେ ଯୋଗ ଦେବି ଓ ସମସ୍ତ କାର୍ଯ୍ୟକ୍ରମ ଦେଖିବି । ଜଲ୍‌ସାର ପରିବେଶ ମତେ ସବୁଠାରୁ ଅଧିକ ପ୍ରଭାବିତ କରିଥିଲା । ସ୍ୱେଚ୍ଛାସେବୀମାନେ ଯେଉଁ ଉତ୍ସାହର ସହିତ କାର୍ଯ୍ୟ କରୁଥିଲେ ତାହା ହୃଦୟର ଉତ୍କଣ୍ଠା ଓ ଭାବବେଗ ହିଁ ତାଙ୍କୁ ଏପରି ସାହାସ ପ୍ରଦାନ କରୁଥିଲା । ଯଦ୍ୱାରା ଏପରି ସଫଳ କାର୍ଯ୍ୟକ୍ରମ ହୋଇପାରିଛି ନଚେତ ଏପରି କରିବା ଜଣେ ସାଂସାରିକ ଲୋକମାନଙ୍କ ସାମର୍ଥ୍ୟ ବାହାରେ ।

ଗିନି କନାକରିର ମୁବ୍‌ଲିଗ୍ ଇନ୍‌ଚାର୍ଜ ସାହେବ ଲେଖିଛନ୍ତି ଯେ କଣ୍ଡିଆ ରିଜିଅନ୍‌ର ଲୋକାଲ୍ ମିସ୍‌ନାରୀ କହିଲେ, ଆମେ ନିଜ ଅଂଚଳର ମେୟର ସାହେବଙ୍କୁ ଜଲ୍‌ସାରେ ସାମିଲ ହେବାପାଇଁ ଆମନ୍ତ୍ରିତ କରିଥିଲୁ ପ୍ରତିଉତରରେ ସେ କହିଲେ, ମୁଁ ରୋଗରେ ପୀଡ଼ିତ କିନ୍ତୁ କିଛି କଥା ନାହିଁ ମୋ ପୁତ୍ର ଆପଣଙ୍କ ଜଲ୍‌ସାରେ ସାମିଲ ହୋଇଯିବେ । ସେଠାରେ ବିଦ୍ୟୁତ ଖୁବ୍ କମ୍ ସମୟ ରହିଥାଏ । ଯେତେବେଳେ ମୋର ମହିଳାମାନଙ୍କ ଜଲ୍‌ସାଗାଃଠାରେ ଅଭିଭାଷଣ ଥିଲା ସେତେବେଳେ କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ସେଠାରେ ବିଜୁଳି ଚାଲିଗଲା । ଅତିଥିମାନେ ମଧ ଆସି ଯାଇଥିଲେ । ଜେନେରେଟରର ବ୍ୟବସ୍ଥା ମଧ ସେଠାରେ ନଥିଲା ଏବଂ ବର୍ଷା ପାଗ ଯୋଗୁଁ ବିଦ୍ୟୁତ କାଟ ହେଲେ ସେ ଇଲାକାରେ ଘଂଟା ଘଂଟା ଧରି ବିଦ୍ୟୁତ ଆସିନଥାଏ । ତେଣୁ ମୁବଲିଗ୍ ସାହେବ କୁହନ୍ତି ଯେ, ଆମେମାନେ ଦୁଆ କଲୁ ହେ ପ୍ରଭୁ ଯମାତ୍‌ର ସତ୍ୟତା ଆଜି ପ୍ରତିପାଦନ କରିବାପାଇଁ ନିଜର ନିର୍ଦ୍ଦଶନ ଦେଖାଅ ଓ ବିଦ୍ୟୁତ ଘେନି ଆଣ । ସେ କୁହନ୍ତି ଆମେ ଅତି ଆତୁରତାର ସହିତ ଦୁଆ କଲୁ ଏବଂ ହଜୁର ଅଭିଭାଷଣ ପାଇଁ ଡ଼ାଇସ୍ ସମ୍ମୁଖରେ ଆସି ନଥିଲେ ଯେ, ବିଦ୍ୟୁତ ଆସିଗଲା । ପ୍ରଭୁ ଆମ ପରିକା ତୁଚ୍ଛ ଓ ନଗଣ୍ୟ ମସିହଙ୍କ ଦାସଙ୍କର ଦୁଆ ଶୁଣିଲେ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସ ଓ ଇସ୍‌ଲାମ୍‌ର ସତ୍ୟତା ପ୍ରମାଣିତ କରିଦେଲେ । ଯାହାକି ଅତିଥିମାନଙ୍କୁ ମଧ ପ୍ରଭାବିତ ଓ ଆଚମ୍ଭିତ କରିଥିଲା । ଯେତେବେଳେ ହଜୁରଙ୍କର ଅଭିଭାଷଣ ଶେଷ ହେଲା ପୁନଶ୍ଚ ବିଦ୍ୟୁତ କଟିଗଲା । ମେୟରଙ୍କର ସୁପୁତ୍ର ମଧ୍ୟ ମୁକ୍ତ କଣ୍ଠରେ ଏହି ମତ ପ୍ରକାଶ କରିଥିଲେ ଯେ, ମୁଁ ପୂର୍ବରୁ ଏଭଳି ପ୍ରଭାବଶାଳୀ ଭାଷଣ କଦାପି ଶୁଣିନଥିଲି ଯମାତ୍ ପ୍ରସଙ୍ଗରେ ମୁସଲମାନମାନେ ଯାହା କିଛି ଅପପ୍ରଚାର କରୁଛନ୍ତି ତାହା ଭୁଲ୍ ଅଟେ ।

କ୍ୟାମ୍‌ରୁନ୍ ଦେଶରେ ମୃତୟନ ଥିବା ଜଣେ ମୁଅଲ୍ଲିମ୍ ସାହେବ କୁହନ୍ତି ଏଠାକାର ମୁରଓ୍ୱା ସହର ନିକଟସ୍ଥ ଏକ ଗ୍ରାମର ମୁଖିଆ (ବା ପ୍ରଧାନ) ଅଲ୍‌ହାଜି ଉସ୍‌ମାନ୍ ସାହେବ ଜଣେ ଅଣଅହେମଦୀ ବ୍ୟକ୍ତି । ସେ ଜଲ୍‌ସାର କାର୍ଯ୍ୟକ୍ରମ ଏମ୍‌ଟିଏ ମାଧ୍ୟମରେ ଦେଖିଲେ ଏବଂ ନିଜ ମତବ୍ୟକ୍ତ କରି କହିଲେ ଯେ, ଆମେ ବାଲ୍ୟକାଳରୁ ଶୁଣିଆସିଛୁ ଯେ ଇମାମ୍ ମେହେଦୀ ଯେତେବେଳେ ଅବତରଣ କରିବେ ସମଗ୍ର ସଂସାର ତାଙ୍କୁ ଦେଖିନେବେ ଆଜି ଜଲ୍‌ସାର କାର୍ଯ୍ୟକ୍ରମ ଦେଖି ବିଶ୍ୱାସ ହୋଇଗଲା ଯେ, ବାସ୍ତବରେ ଏହି ଯମାତ୍ ଇମାମ୍ ମେହେଦୀଙ୍କର ଜମାତ୍ । ଯାହାଙ୍କୁ ସମଗ୍ର ପୃଥିବୀ ବାସୀ ଆଜି ଦେଖୁଛନ୍ତି । ଆଜି ମୁଁ ପ୍ରଭୁଙ୍କ ଅବତାରଙ୍କ ଭବିଷ୍ୟବାଣୀ ପୂରଣ ହେଉଥିବାର ଅବଲୋକନ କଲି ।

ଅମୀର ସାହେବ ମାଲି ଲେଖିଛନ୍ତି ଜଲ୍‌ସା ମାଧ୍ୟମରେ ବୟତ ସଂକ୍ରାନ୍ତରେ କିତା ସହରର ଜଣେ ଶିକ୍ଷକ ଶ୍ରୀମାନ୍ ଉମର୍ ବାରି ସାହେବ ଫୋନ୍ କରି କହିଲେ ମୁଁ ଅହେମଦି ନୁହେଁ କିନ୍ତୁ ତଥାପି ମୁଁ ନିଜ ପରିବାର ବର୍ଗ ସମେତ ବେଶ୍ ମନପ୍ରାଣର ସହିତ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିଲି ଓ ଶୁଣିଲି । ଜଲ୍‌ସାର କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଲୋକମାନେ ଯେତେବେଳେ ନାରା (ସ୍ଲୋଗାନ) ଲଗାଉଥିଲେ ସେତେବେଳେ ଆମ ଘରର ସମସ୍ତ ଲୋକ ବେଶ୍ ଉତେଜିତ ହୋଇ ଉଠୁଥିଲେ ଏବଂ ଆମେ ମଧ ସ୍ଲୋଗାନ୍‌ର ଉତର ଦେଉଥିଲୁ । ସେ କୁହନ୍ତି ଇନ୍‌ଶାଅଲ୍ଲାଃ ତାଲା ମୁଁ ଖୁବ୍ ଶିଘ୍ର ମିଶନ୍ ହାଉସ୍ ଯାଇ ନିଜ ପରିବାର ବର୍ଗ ସମେତ ଯମାତ୍‌ରେ ସାମିଲ ହୋଇଯିବି ।

କ୍ୟାମ୍‌ରୁନ୍‌ରୁ ମୁବଲିଗ୍ ଇନ୍‌ଚାର୍ଜ ସାହେବ ବତାଇଛନ୍ତି ଯେ ଚିଫ୍ ଇମାମ୍ ଡ଼ୱାଲା

(Doula) ଫାରୁକ ସାହେବ କୁହନ୍ତି ମୁଁ ଏମ୍‌ଟିଏ ଆଫ୍ରିକା ମାଧ୍ୟମରେ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିଲି ଓ ଦେଖିଲି । ଯେଉଁ ଲୋକମାନେ ଯମାତ୍‌କୁ କାଫିର୍ ଓ ସନ୍ତ୍ରାସବାଦ, ଟେରରିଷ୍ଟ ଗ୍ରୁପ ବୋଲି କହୁଛନ୍ତି, ଷ୍ଟେଜ୍ ରେ ଲଗାଯାଇଥିବା ବ୍ୟାନରରେ ଖାତ୍‌ମୁନ୍ ନବିୟିନ୍ ସଂକ୍ରାନ୍ତରେ ଯେଉଁ ପଂକ୍ତି ବଡ଼ ବଡ଼ ଅକ୍ଷରରେ ଲେଖାଯାଇଥିଲା ତାହା ସେମାନଙ୍କ ଆରୋପର ବଳିଷ୍ଠ ଉତର ଥିଲା । ବର୍ତମାନ ଇନ୍‌ଶାଅଲ୍ଲାଃ ତାଲା ଏମ୍‌ଟିଏ ମାଧ୍ୟମରେ ଯମାତ୍ ବିରୁଦ୍ଧରେ ପ୍ରଘଟ କରାଯାଉଥିବା ଅପପ୍ରଚାର ଦୁର ହେବ ।

ଅମୀର ସାହେବ ତାଞ୍ଜାନିୟା ଲେଖିଛନ୍ତି ଯେ ଉରୁଶା ରିଜିଅନ୍‌ର ଜଣେ ଅଣଅହେମଦୀ ମହିଳା ଯାବୁ ସାହିବା କହିଲେ, ମୁଁ ଜଲ୍‌ସାର ଏହି ସୁନ୍ଦର କାର୍ଯ୍ୟକ୍ରମ ପ୍ରଥମଥର ଦେଖିବାର ସୌଭାଗ୍ୟ ଅର୍ଜନ କଲି । ଏଭଳି ମନୋରମ ଓ ଶାନ୍ତ ସମାଗମ ମୁଁ ଜୀବନରେ କଦାପି ଦେଖିନଥିଲି । କୌଣସିଠାରେ ବି ଦେଖିନାହିଁ । ସାଧାରଣ ଜଲ୍‌ସା ସମାଗମ ପୀଠମାନଙ୍କରେ କୋଳାହଳ ପୂର୍ଣ୍ଣ ବାତାବରଣ ରହିଥାଏ ଏବଂ ସେମାନଙ୍କୁ ଶାନ୍ତ କରିବାପାଇଁ ଅର୍ଥାତ ଲୋକମାନଙ୍କୁ ଶାନ୍ତ କରିବାପାଇଁ କାର୍ଯ୍ୟନିର୍ବାହୀ ବ୍ୟକ୍ତିମାନେ ଭିନ୍ନ ଭିନ୍ନ କୌଶଳ ଅବଲମ୍ବନ କରିଥାନ୍ତି ଓ ଅନେକ କାର୍ଯ୍ୟକ୍ରମ ପରିବେଶଣ କରିଥାନ୍ତି କିନ୍ତୁ ଏହି ଜଲ୍‌ସାରେ ଏପରି କିଛି ନଥିଲା ବରଂ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଜଲ୍‌ସାର ସୁନ୍ଦର ଶିକ୍ଷା ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥାପନ କରାଯାଇଥିଲା । ନିଃସନ୍ଦେହ ରୂପେ ଅହେମଦୀମାନଙ୍କର ନିଜ ଖଲିଫାଙ୍କ ପ୍ରତି ଯେଉଁ ପ୍ରେମ ଓ ଅନୁରାଗ ରହିଛି ତାହା ସଂସାରର ଅନ୍ୟ କୌଣସି ସ୍ଥଳେ ଦେଖିବାକୁ ମିଳିବ ନାହିଁ ।

କାମେରୁନ୍ ଦେଶର ମାରୁଓ୍ୱା (Maroua) ସହରହ ଲୋକାଲ୍ ଚିଫ୍ ଜଲ୍‌ସାର କାର୍ଯ୍ୟକ୍ରମ ଦେଖୁଥିଲେ । ପ୍ରସ୍ଥାନ ସମୟରେ ସେ ନିଜର ମତବ୍ୟକ୍ତ କଲେ ଯେ ଜଲ୍‌ସାର କାର୍ଯ୍ୟକ୍ରମ ଏତେଗୁଡ଼ିଏ ଭାଷାରେ ଅନୁବାଦ କରାଯାଇଛି ଓ ଲୋକେ ସେଥିରୁ ଉପକୃତ ମଧ୍ୟ ହେଉଛନ୍ତି ମୁଁ ମଧ୍ୟ ଉପକୃତ ହେଲି । ଆପଣଙ୍କର ଏମ୍‌ଟିଏ ହେଉଛି ଈଶ୍ୱରଙ୍କର ଏକ ଅନୁଗ୍ରହ । ବର୍ତମାନ ମୁଁ କେବୁଲ୍ କନେକ୍‌ଶନ୍ ନିଜ ଘରେ ଲଗାଇ ଏମ୍‌ଟିଏରୁ ଉପକୃତ ହେବି ଏବଂ ନିଜ ଜ୍ଞାନର ଅଭିବୃଦ୍ଧି କରିବି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଦେଖନ୍ତୁ ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କୁ ମଧ୍ୟ ଏମ୍‌ଟିଏ ପ୍ରଭାବିତ କରୁଛି । ଏହା ହିଁ ଉନ୍ନତିର ରହସ୍ୟ ଓ ଭେଦ । ଯଦି ଆଧ୍ୟାତ୍ମିକ ଉନ୍ନତି କରିବାର ଅଛି ତେବେ ଅହେମଦୀ ମାନଙ୍କୁ ମଧ୍ୟ ଏମ୍‌ଟିଏ ପ୍ରତି ଅଧିକ ମନଯୋଗ କରିବାର ଆବଶ୍ୟକତା ରହିଛି ବା ମନଯୋଗ କରିବା ଉଚିତ ।

ଗ୍ୟାବୁନ୍‌ର ମୁବଲିଗ୍ ଇନ୍‌ଚାର୍ଜ ସାହେବ ଜଣାଇଛନ୍ତି ଯେ ଜଣେ ନୂଆ ଅହେମଦୀ କହିଲେ ବାସ୍ତବ ପକ୍ଷେ ଏହା ସମଗ୍ର ପୃଥିବୀର ଜଲ୍‌ସା ଥିଲା, ଯେଉଁଥିରେ ଆମେ ମଧ୍ୟ ସାମିଲ ଥିଲୁ ଏବଂ ଅନ୍ୟାନ୍ୟ ଦେଶମାନଙ୍କରେ ଲୋକେ ସାମିଲ ଥିଲେ ଯାହାକୁ ଦେଖି ଆମ ବିଶ୍ୱାସରେ ଅଭିବୃଦ୍ଧି ଘଟିଲା । ସମୟର ପ୍ରାର୍ଥକ୍ୟତା ଥିବା ସତ୍ତ୍ୱେ ମଧ୍ୟ ଲୋକମାନେ ଜଲ୍‌ସାର କାର୍ଯ୍ୟକ୍ରମକୁ ବେଶ୍ ମନଯୋଗର ସହିତ ଦେଖୁଥିଲେ ଓ ଶୁଣୁଥିଲେ ଏହି ଅଦ୍‌ଭୁତ ପୂର୍ଣ୍ଣ ଦୃଶ୍ୟ କେବଳ ଅହେମଦୀମାନେ ହିଁ ଉପସ୍ଥାପନ କରିପାରିଥାନ୍ତି । ଅନ୍ୟ ମୁସଲମାନମାନଙ୍କ ପକ୍ଷେ ତ ଏହା କଦାପି ସମ୍ଭବ ନୁହେଁ ।

ଜ୍ୟାମ୍ବିୟା ପୂର୍ବ ପାର୍ଶ୍ୱରେ ଥିବା ରାଜ୍ୟର ଏକ ସହରର ନାମ ହେଉଛି ଲୁସାନ୍‌ଗାଜି (Lunsangazi), ସେଠିକାର ଜଣେ ନବାଗତ ଅହେମଦୀ ଅଲୀ ସାହେବ ଯିଏ ସେଠିକାର ହେଡ୍‌ମ୍ୟାନ୍ ଅଟନ୍ତି, ସେ କୁହନ୍ତି: ଆମେ ଖ୍ରୀଷ୍ଟ ଧର୍ମ ଛାଡ଼ି ଅହେମଦି ହୋଇଯାଇଛୁ । ଆମ ଗ୍ରାମରେ ଔପଚାରିକ ଭାବରେ ଅହେମଦିୟତ୍ ଚଳିତବର୍ଷ ଫେବୃୟାରୀ ମାସରେ ପ୍ରବେଶ କଲା । ଏଥିଅନ୍ତେ ଅନେକଥର ଅଣଅହେମଦୀ ପଣ୍ଡିତମାନେ, ମୌଲବୀମାନେ ଆମ ଅଂଚଳ ଗସ୍ତ କରି ଆମକୁ ଅହେମଦୀୟତ୍ ବିରୁଦ୍ଧରେ ବିଭିନ୍ନ ପ୍ରକାରର କଥା କହି ଓ ଅହେମଦିୟତ୍‌ରୁ ଓହରି ଯିବାପାଇଁ ପ୍ରବର୍ତାଇ ଥିଲେ ଓ ଆମ ମନରେ ଭିନ୍ନ ଭିନ୍ନ ସନ୍ଦେହ ସୃଷ୍ଟି କରିବାକୁ ପୂର୍ଣ୍ଣ ପ୍ରୟାସ କରିଥିଲେ । ଯେପର୍ଯ୍ୟନ୍ତ ଆମେ ଖ୍ରୀଷ୍ଟିଆନ୍ ଥିଲୁ ସେତେବେଳେ ଆମକୁ କେହି କିଛି ପଚାରୁନଥିଲେ କିନ୍ତୁ ଯେତେବେଳେ ଆମେ ଅହେମଦୀ ହୋଇଗଲୁ ସେତେବେଳେ ଏହି ମୌଲବୀମାନେ ଆମ ଧର୍ମ ସଂଶୋଧନ କରିବାପାଇଁ ଚାଲିଆସିଲେ । ସେ କୁହନ୍ତି ବର୍ତମାନ ୟୁକେ ଜଲ୍‌ସା ଦେଖିବାର ସୌଭାଗ୍ୟ ଲାଭ ହେଲା, ଏଭଳି ସୁବ୍ୟବସ୍ଥା ମୂଳକ ଜଲ୍‌ସା ଆମେ ଜୀବନରେ ପ୍ରଥମ ଥର ଦେଖିବାକୁ ପାଇଲୁ । ଏପରି ସଙ୍କଟାପନ୍ନ ପରିସ୍ଥିତି ଓ ସଂକ୍ରମଣ ପରିବେଶ ସତ୍ତ୍ୱେ ମଧ୍ୟ ଏଭଳି ବ୍ୟାପକ ସ୍ତରରେ ଆୟୋଜନ ଓ ଲୋକସମାଗମ ହୋଇଥିଲେ । ବିଭିନ୍ନ ଦେଶର ପ୍ରଶାସନିକ ପ୍ରତିନିଧି ନିଜ ନିଜର ଭିଡ଼ିଓ ବାର୍ତା ପ୍ରେରଣ କରିଥିଲେ । ପ୍ରଭୁଙ୍କ କୃପାରୁ ଜଲ୍‌ସା ଦେଖିବା ପରେ ଆମର ସମସ୍ତ ସନ୍ଦେହ ଦୁର ହୋଇଯାଇଛି । ଅହେମଦିୟତ୍ ଏକ ଛୋଟ ଯମାତ୍ ନୁହେଁ ବରଂ ବିଶ୍ୱ ବ୍ୟାପି ଯମାତ୍ । ଯେଭଳି ଉପସ୍ଥିତ ଖଲିଫା ମହିଳା ଓ ଅନ୍ୟ ଲୋକମାନଙ୍କ ଅଧିକାର ପ୍ରସଙ୍ଗରେ ଇସ୍‌ଲାମୀୟ ଶିକ୍ଷାର ବର୍ଣ୍ଣନ କଲେ, ତାହା ଆମକୁ ଆଶ୍ଚର୍ଯ୍ୟ ଚକିତ କଲା ଯେ, ମହିଳାମାନଙ୍କର ମଧ୍ୟ ଏତେ ସବୁ ଅଧିକାର ରହିଛି ନଚେତ ଆମେ ତ ନିଜ ମହିଳାମାନଙ୍କୁ କେଉଁ ଥିରେ ଗଣନା କରୁନାହୁଁ ବା କରୁନଥିଲୁ । ଇନ୍‌ଶାଅଲ୍ଲାଃତାଲା ଆଜି ଆମେ ଏଠାରେ ଯାହା ଦେଖିଲୁ ଓ ଶୁଣିଲୁ ତାହା ଅନ୍ୟମାନଙ୍କୁ ମଧ୍ୟ ଅବଗତ କରାଇବୁ । ଯଦ୍ୱାରା ସେମାନେ ମଧ୍ୟ ଆ ଉପରେ ପରିଚାଳିତ ହେବାପାଇଁ ପ୍ରୟାସ କରିବେ ଓ ତାଙ୍କ ବିଶ୍ୱାସ ସୁଦୃଢ଼ ହେବ ।

ମାଲେସିଆରୁ ଜଣେ ନବାଗତ ଅହେମଦି ରସ୍‌ଲି ବିନ୍ ମୁପା ସୁଲି ସାହିବା କୁହନ୍ତି ଯେ, ଆମେ ଜଲ୍‌ସା ସାଲାନା ୟୁ.କେ ଦେଖିଲୁ ଏବଂ ପ୍ରଭୁଙ୍କର ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କଲୁ ଯେ ଆମକୁ ପ୍ରଭୁ ଯମାତ୍ ଅହେମଦିୟରେ ଅନ୍ତର୍ଭୁକ୍ତ ହେବାକୁ ଶକ୍ତି ପ୍ରଦାନ କଲେ ଏବଂ ଯୁଗାବତାରଙ୍କୁ ଚିହ୍ନିବାକୁ ଆମକୁ ଶକ୍ତି ପ୍ରଦାନ କଲେ । ଯଦିଚ ମୁଁ ୟୁକେର ଜଲ୍‌ସାରେ ସାମିଲ ହୋଇପାରିଲି ନାହିଁ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଉପସ୍ଥିତ ଖଲିଫାଙ୍କୁ ଦେଖିବାକୁ ଓ ତାଙ୍କ ବକ୍ତୃତା ଶୁଣିବାକୁ ପ୍ରଭୁ ମତେ ସୌଭାଗ୍ୟ ପ୍ରଦାନ କଲେ । ଯଦି ମୁଁ ଯମାତ୍ ଅହେମଦିୟାରେ ସାମିଲ ହୋଇନଥାନ୍ତି ତେବେ ଏହି ବର୍‌କତ୍‌ରୁ ଆଜି ବଂଚିତ ରହିଯାଇଥାନ୍ତି । ବର୍ତମାନ ମୁଁ ଏହା ପ୍ରତିଜ୍ଞା କରୁଛି ଯେ, ଖିଲାଫତ୍ ସହିତ ସର୍ବଦା ବିଶ୍ୱସ୍ତତାର ସଂପର୍କ ବର୍ଦ୍ଧିତ ରଖିବି ଏବଂ ଆଜ୍ଞାନୁବର୍ତି ହୋଇ ରହିବି ।

ବ୍ରାଜିଲ୍‌ର ଜଣେ ମହିଳା ପେସିଲି ମାର୍ଲିମ୍ (Priscila Marlema) ସାହେବା କୁହନ୍ତି କିଛି ମାସ ପୂର୍ବରୁ ମୁଁ ବୟତ କରି ଯମାତ୍ ଅହେମଦିୟାରେ ସାମିଲ ହୋଇଛି । ମୋର ସୌଭାଗ୍ୟ ସେ ମୋତେ ପ୍ରଥମ ଥର ପାଇଁ ଜଲ୍‌ସା ଶୁଣିବାକୁ ବା ଜଲ୍‌ସାରେ ଯୋଗ ଦେବାକୁ ପ୍ରଭୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କଲେ ଏବଂ ଭାଷା ନ ଜାଣିବା ସତ୍ତ୍ୱେ ମଧ୍ୟ ବହୁତ କିଛି ମତେ ଶିଖିବାକୁ ମିଳିଲା । ମୁଁ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ ମୋତେ ସେ ଅହେମଦି ହେବାର ବା ଅହେମଦୀୟତ୍‌ରେ ସାମିଲ ହେବାର ସୁଯୋଗ ପ୍ରଦାନ କଲେ ।

ଗିନି ବସାଓର ମୁବ୍‌ଲିଗ୍ ଇନ୍‌ଚାର୍ଜ ଲେଖିଛନ୍ତି ଗିନିବ ବାସଓ ଯମାତ୍‌ର ଦୂରଦୂରାନ୍ତରେ ରହୁଥିବା ପରିବାରଗୁଡ଼ିକ ମଧ୍ୟରୁ ଚାରିଜଣ ନବାଗତ ମହିଳା ୮ କିଲୋମିଟର ପଦଯାତ୍ରା କରି ନିକଟସ୍ଥ ଯମାତ୍ ମସରାରେ ଜଲ୍‌ସା ସାଲାନା ୟୁ.କେ ଶୁଣିବାକୁ ଯୋଗ ଦେଇଥିଲେ । ହଜୁର ଅନଓ୍ୱର କହୁଛନ୍ତି ଯେତେବେଳେ ସେ ମୋର ଅଭିଭାଷଣ ଶୁଣିଲେ ସେତେବେଳେ ସେମାନେ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କଲେ ଯେ, ପ୍ରଭୁ ତାଙ୍କୁ ଅହେମଦିୟତ୍‌ରେ ସାମିଲ ହେବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏବଂ ସେ ଏହି ମତବ୍ୟକ୍ତ ପ୍ରକାଶ କରିଥିଲେ ଯେ, ଏହା ଏକ ପୁରସ୍କାର ଯେ, ପ୍ରଭୁ ଯାହାକୁ ଚୟନ କରିଥାନ୍ତି ତାହାକୁ ପ୍ରଦାନ କରିଦେଇଥାନ୍ତି ଓ ତାକୁ ଯମାତ୍‌ରେ ସାମିଲ କରିଥାନ୍ତି । ସେ ଆହୁରି କୁହନ୍ତି ଯେ, ଆଜି ଆମର ବିଶ୍ୱାସ ପୁର୍ଣ୍ଣ ହୋଇଗଲା, ସତ୍‌ପ୍ରତିଶତ ସମ୍ପୁର୍ଣ୍ଣ ହୋଇଗଲା ଜଲ୍‌ସାରେ ସାମିଲ ହେବା ଫଳରେ ଏବଂ ହଜୁରଙ୍କର ଅଭିଭାଷଣ ଶୁଣିବା ଫଳରେ ଆଜି ଆମେ ଏହି ପ୍ରତିଜ୍ଞା କରୁଛୁ ଯେ, ସର୍ବଦା ଖଲିଫାଙ୍କର ଖୁତ୍‌ବା ଶୁଣିବୁ ଏବଂ ସେଥିପାଇଁ ମିଶନ ହାଉସ୍‌କୁ ଆସିବୁ ବା ଏଠାରେ ଆସି ଶୁଣିବୁ । ତେବେ ଦେଖ ଅଲ୍ଲାଃ ତାଲାଙ୍କର କିଭଳି କୃପା ଯେ, ସେ କିପରି ଲୋକମାନଙ୍କ ହୃଦୟକୁ ପରିବର୍ତନ କରିଚାଲିଛନ୍ତି ।

ଗୟାନା ଦେଶରୁ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଜଲ୍‌ସାର କାର୍ଯ୍ୟକ୍ରମ ଦେଖାଯାଉଥିଲା ଲୋକମାନେ ସେଠାରେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ନବାଗତ ଅହେମଦି ମୁଜଫର୍ କ୍ୟୁସି (Kwesi) ସାହେବ କୁହନ୍ତି ଏହା ମୋର ପ୍ରଥମ ଜଲ୍‌ସା ଥିଲା, ଯେଉଁଥିରେ ମୁଁ ଯୋଗ ଦେଇଥିଲି ଓ ମୋର ଅଭିଜ୍ଞତା ଏଥିରେ ବଢ଼ି ଯାଇଛି ଯେ ପ୍ରଥମ ଥର ମୁଁ ଯେତେବେଳେ ଉପସ୍ଥିତ ଖଲିଫାଙ୍କୁ ଦେଖିଲି ଓ ଜଲ୍‌ସା ଦେଖିଲି, ତାଙ୍କ ବକ୍ତୃତା ଶୁଣିଲି ତାଙ୍କର ସମସ୍ତ କଥା ମୋତେ ବେଶ୍ ଅଧିକ ପ୍ରଭାବିତ କରିଛି । ମୁଁ ଏହି ଜଲ୍‌ସାରେ ପ୍ରଥମଥର ପାଇଁ ଜଣେ ମହିଳାକୁ ଏଭଳି ସୁନ୍ଦର ଭାବରେ ତିଲାଓ୍ୱତ କରିବାର ଶୁଣିବାକୁ ପାଇଲି । ଦ୍ୱିତୀୟ ଦିନ ହଜୁରଙ୍କର ମହିଳାମାନଙ୍କ ପାଇଁ ଯେଉଁ ଅଭିଭାଷଣ ଦେଇଥିଲେ ଓ ହଜୁରଙ୍କ ଭାଷଣ ପୂର୍ବରୁ ଯେଉଁ ମହିଳାଜଣକ ପବିତ୍ର କୁର୍‌ଆନ୍‌ର ଆବୃତି କରିଥିଲେ ତାହା ଅତି ସୁନ୍ଦର ଓ ଚିତାକର୍ଷକ ଥିଲା ଏ ସବୁ କିଛି ଖଲିଫା ଓ ଅହେମଦିୟତ୍‌ର ବର୍‌କତ୍ ଯେ, ପ୍ରଭୁ ଏଭଳି ପରିବେଶ ସୃଷ୍ଟି କରିଛନ୍ତି ଯଦ୍ୱାରା ଲୋକମାନେ ପ୍ରଭାବିତ ହୋଇଚାଲିଛନ୍ତି ଏବଂ ଏହା କେବଳ ଯମାତ୍ ଅହେମଦିୟାକୁ ପ୍ରଭୁ ପ୍ରଦାନ କରିଛନ୍ତି ଏବଂ ଏଭଳି ଇଂଟରନେଟ୍ ମାଧ୍ୟମରେ ଅନେକ ଦେଶରୁ ଲୋକମାନେ ଆପୋଷରେ ବାର୍ତାଳାପ କରିବା ଓ ସାକ୍ଷାତ କରିବା ଗୋଟେ ବହୁତ ବଡ଼ କଥା । ଏହା କୌଣସି ସାଧାରଣ କଥା ନୁହେଁ ଏଭଳି ଅନେକ ଦେଶ ମୁଁ ଦେଖିବାକୁ ପାଇଲି ଯାହାଙ୍କ ବିଷୟରେ ମୁଁ ପୂର୍ବରୁ ଜାଣିନଥିଲି ଯେ ସେଠାରେ ମଧ୍ୟ ଅମେହଦିୟତ୍ ପହଂଚିଯାଇଛି ଏବଂ ଏହା ମଧ୍ୟ ଦେଖିବାକୁ ପାଇଲି ଯେ ଯମାତ୍‌ର ସଦସ୍ୟମାନେ କିଭଳି ମିଳିମିଶି ଜଲ୍‌ସାର ଆୟୋଜନ କରୁଛନ୍ତି । ସମସ୍ତ କାର୍ଯ୍ୟକୁ ଅହେମଦୀମାନେ ସ୍ୱୟମ ସମ୍ପାଦନ କରୁଛନ୍ତି ଏଥିରେ କୌଣସି ମୁଲିଆ, ମଜୁରିଆ ନାହାନ୍ତି ବରଂ ସେମାନେ ସ୍ୱୟମ ନିଜର ସମସ୍ତ କାର୍ଯ୍ୟ ତୁଲାଇଚାଲିଛନ୍ତି

ୟୁ.କେ ରେ ଜଣେ ସାହେବ ଯିଏ ବ୍ୟାଙ୍କରେ କାର୍ଯ୍ୟରତ । ସେ ବ୍ୟାଙ୍କରୁ ଛୁଟି ନେଇ ଜଲ୍‌ସାରେ ସେବା କରିବାପାଇଁ ନିଜକୁ ଉପସ୍ଥାପିତ କରିଥିଲେ ଏବଂ ନିଜର କର୍ତବ୍ୟ ସମ୍ପାଦନ କରିବାପରେ ନିଜ କାର୍‌ରେ ହିଁ ଶୋଇ ଯାଉଥିଲେ । ଏ ସମସ୍ତ କଥା ପ୍ରମାଣିତ କରୁଛି ଯେ ଯମାତ୍ ଅହେମଦିୟାର ଲୋକେ ହେଉଛନ୍ତି ଅତ୍ୟନ୍ତ ନିଷ୍ଠାପର ଏବଂ ଉତ୍ସର୍ଗୀ ଲୋକ ।

ମରିସସ୍ ଦେଶର ଜଣେ ନବାଗତ ଅହେମଦି ସଫ୍‌ଓ୍ୱାନ୍ ନାଏକ୍ ସାହେବ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଜଲ୍‌ସାରେ ସାମିଲ ହୋଇଥିଲେ । ସେ ନିଜର ପ୍ରଥମ ଅଭିଜ୍ଞତା ବର୍ଣ୍ଣନା କରି କୁହନ୍ତି ନିଶ୍ଚିତ ରୂପେ ଏଭଳି

ମାଧ୍ୟମ ଦ୍ୱାରା ମୁଁ ଖଲିଫାଙ୍କର ନିକଟବର୍ତୀ ହୋଇପାରିଛି । ଖଲିଫାଙ୍କର ପ୍ରତ୍ୟେକ ଶବ୍ଦ ପ୍ରତ୍ୟେକ ବାକ୍ୟ ହୃଦୟ ଭିତରେ ନିବିଷ୍ଟ ହୋଇଯାଇଛି ଏବଂ ମୁଁ ଯମାତ୍‌ରେ ସାମିଲ ହେବାପାଇଁ ଯେଉଁ ନିଷ୍ପତି କରିଥିଲି ଏଥିରେ ମୁଁ ବହୁତ ପ୍ରସନ୍ନିତ ଏବଂ ଏମ୍‌ଟିଏର ପ୍ରୋଗ୍ରାମ ମାଧ୍ୟମରେ ମୁଁ ହଜରତ୍ ମସିହ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ପାଉଛି ।

ଅଷ୍ଟ୍ରେଲିୟାରୁ ଅଶ୍‌ରଫ୍ ଜିୟା ସାହେବ ଜଣାଇଛନ୍ତି ଯେ ଡ଼ୋନାଟେଲା ସାହେବା ଯିଏ ଚଳିତ ବର୍ଷ ବୟତ କରି ଯମାତ୍ ଅହେମଦିୟାରେ ସାମିଲ ହୋଇଥିଲେ । ସେ କୁହନ୍ତି ଖଲିଫା ଯାହା କହିଲେ, ତାହା ମଣିଷର ଭାବନାକୁ ବେଶ୍ ଆନ୍ଦୋଳିତ କରୁଥିଲା ଓ ତାଙ୍କ ବକ୍ତୃତା ଶୁଣିବା ସମୟରେ ମୋ ଆଖିରୁ ଅଶ୍ରୁ ନିର୍ଗତ ହୋଇଗଲା । ଇସ୍‌ଲାମ୍ ବାସ୍ତବିକ ଗୋଟିଏ ଜୀବନ୍ତ ଧର୍ମ ଓ ସତ୍‌ଧର୍ମ ଓ ସତ୍‌ମାର୍ଗ ଅଟେ । ମୋର ଜୀବନ ଧିରେ ଧିରେ ବଦଳି ଚାଲିଛି ମୁଁ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ ସେ ମୋତେ ଅହେମଦି ହେବାକୁ ଶକ୍ତି ପ୍ରଦାନ କଲେ । ହଜୁର କହିଲେ ସେ ଜଣେ ଅଷ୍ଟ୍ରେଲିୟାନ୍ ମହିଳା ।

ଜଲ୍‌ସାରେ ଯୋଗ ଦେବା ପରେ ଅହେମଦିୟତ୍ ସ୍ୱୀକାର କରି ସେଥିରେ ସାମିଲ ହୋଇଥିବାର ଅନେକ ଘଟଣା ରହିଛି ।

ଆଇଭୋରିକୋଷ୍ଟର ଜଣେ ଅଣଅହେମଦି ବନ୍ଧୁ ହସନ୍ ସାହେବ ବର୍ଣ୍ଣନା କରନ୍ତି, ଜଲ୍‌ସାର ତିନିଦିନର ପ୍ରୋଗ୍ରାମ ମତେ ଦେଖିବାକୁ ସୁଯୋଗ ମିଳିଲା ଯାହାକି ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ କାର୍ଯ୍ୟକ୍ରମ ଥିଲା । ସେ ଆହୁରି ମଧ୍ୟ କହିଲେ ଯେ ମିଥ୍ୟାର ସମୟ ଦୀର୍ଘ ହୋଇନଥାଏ ବରଂ ସେ ନିଜକୁ ନିଜେ ମରିଯାଏ । କିନ୍ତୁ ସତ୍ୟ ହେଉଛି ଚିରସ୍ଥାୟୀ ଏବଂ ଚୀରକାଳ ବିଦ୍ୟମାନ ରହିଥାଏ । ଏହି ନିୟମ ଅର୍ନ୍ତଗତ ଯମାତ୍ ଅହେମଦିୟା ଦିବାଲୋକ ପରି ଉନ୍ନତି ପଥରେ ଅଗ୍ରସର କରିଚାଲିଛି । ସେ କୁହନ୍ତି ଜଲ୍‌ସା ସରିବା ପରେ ଆମେ ଗୋଟେ ରେଷ୍ଟୋରାଂଟରେ କିଛି ବନ୍ଧୁ ବସିଥିଲୁ ଓ କଥାବାର୍ତା ହେଉଥିଲୁ ଏହି ସମୟରେ ଜଣେ ଅଜଣା ବ୍ୟକ୍ତିକୁ ଏହି କଥା କହୁଥିବାର ଶୁଣିବାକୁ ପାଇଲୁ ଯେ ଯଦି ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଉପରେ ଅମଳ କରାଯାଏ ବା ଇସ୍‌ଲାମ୍ ଶିକ୍ଷା ଉପରେ ଯଦି କେହି ବାସ୍ତବପକ୍ଷେ ଅମଳ କରୁଛନ୍ତି ତେବେ ସେମାନେ ହେଉଛନ୍ତି ଅହେମଦି । ଏତିକି କହି ସେହି ଅଜଣା ବ୍ୟକ୍ତି ଜଣକ ଚାଲିଗଲେ କିନ୍ତୁ ଆମ କଥାର ସେ ମହାଶୟ ଏ ସାକ୍ଷ୍ୟ ଦେଇଗଲେ ଯେ, ଅହେମଦି କେବଳ କଥାରେ ନୁହେଁ ବରଂ କାର୍ଯ୍ୟରେ କରି ଦେଖାଇଥାନ୍ତି । ଏଥିଅନ୍ତେ ହସନ୍ ସାହେବ ଆମ ମୌଲିମ୍ ସାହେବଙ୍କୁ କହିଲେ ଯେ, ବୟତ କରି ମୁଁ ଅହେମଦିୟତ୍‌ରେ ସାମିଲ ହେବାକୁ ଚାହୁଁଛି । ବର୍ତମାନ ମୁଁ ଅଧିକ ସମୟ ଏଥିରୁ ଦୂରେଇ ରହିବାକୁ ଚାହୁଁନାହିଁ ।

କଙ୍ଗୋ ବ୍ରାଜାଓ୍ୱିଲ୍ ଦେଶର ମୁବଲିଗ୍ ଇନ୍‌ଚାର୍ଜ ସାହେବ କୁହନ୍ତି ଯମାତ୍ ଅହେମଦିୟା ଗାମ୍ବୋମା (Gamboma)ଠାରେ ତିନିଦିନ ଟିଭି ଓ ରେଡ଼ିଓ ମାଧ୍ୟମରେ ଜଲ୍‌ସାର କାର୍ଯ୍ୟକ୍ରମ ଦେଖାଯାଇଥିଲା । ସେହି ଅଂଚଳରେ ଗୋଟିଏ ଟିଭି ଷ୍ଟେସନ ମଧ୍ୟ ରହିଛି ଯେଉଁଥିରେ ଜଲ୍‌ସାର କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା । ଗୋଟିଏ ଅନୁମାନ ମୁତାବକ ଏଠାରେ ଚାରିହଜାର ଲୋକେ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିଲେ ଓ ଶୁଣିଲେ । ଗାମ୍ବୋମା ଇଲାକାର ଚତୁଃପାର୍ଶ୍ୱରେ ଥିବା ତିରିଶିଗୋଟି ଗ୍ରାମରେ ଯମାତ୍ ଅହେମଦୀୟାରେ ରେଡ଼ିଓ ମାଧ୍ୟମରେ ମଧ୍ୟ ଜଲ୍‌ସାର କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା । ସେହି ଅଂଚଳରେ ବିଦ୍ୟୁତର ସୁବିଧା ଉପଲବ୍ଧ ନାହିଁ ତେଣୁକରି ଲୋକମାନେ ରେଡ଼ିଓ ମାଧ୍ୟମରେ ଜଲ୍‌ସାର କାର୍ଯ୍ୟକ୍ରମମାନ ଶୁଣୁଥିଲେ । ପୁନଶ୍ଚ ସେ ଏଠାରେ ମୋର ଉପସ୍ଥାପିତ ସମସ୍ତ ଅଭିଭାଷଣ ନିଜ ଆଂଚଳିକ ଭାଷା ଲଙ୍ଗାଲା (Lingala)ରେ ଅନୁବାଦ ଶୁଣିଲେ । ସେ କୁହନ୍ତି ପ୍ରଭୁଙ୍କ ଅଶେଷ କୃପା ଯେ, ସମସ୍ତ କାର୍ଯ୍ୟକ୍ରମ ସଫଳ ହେଲା ଏବଂ ଆପଣା ଓ ପର ସମସ୍ତେ ମୁକ୍ତ କଣ୍ଠରେ ଏକଥା ପରିପ୍ରକାଶ କରିଥିଲେ । ଏହି ତିନିଦିନ ଜଲ୍‌ସା ସାଲାନାର ପରିବେଶ ଚାରିଆଡ଼େ ଅନୁଭବ ହେଉଥିଲା । ପୂର୍ବପରି ଏହି ଜଲ୍‌ସାରେ ମଧ୍ୟ ଖାଇବାର ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ୧୨ ଜଣ ବ୍ୟକ୍ତି ବୟତ କରି ଯମାତ୍‌ରେ ସାମିଲ ହୋଇଯାଇଥିଲେ ।

ଗିନି ବସାଓର ମୁବଲିଗ୍ ସାହେବ ଲେଖିଛନ୍ତି ପ୍ରଭୁଙ୍କ କୃପାରୁ ଅଧିକାଂଶ ନବାଗତ ଅହେମଦି ଅହେମଦୀୟତ୍‌ରେ ଦୀକ୍ଷିତ ହେବାପାରେ ନିଜ ଅଂଚଳକୁ ଫେରି ନିଜ ପରିଜନ ଓ ବନ୍ଧୁବାନ୍ଧବଙ୍କୁ ଖୁବ୍ ତବ୍‌ଲିଗ୍ କରୁଛନ୍ତି । ୟୁ.କେ ଜଲ୍‌ସାର ଭବ୍ୟ ଅବସରରେ ଯେତେବେଳେ ଯମାତ୍‌ର ସଦସ୍ୟବୃନ୍ଦଙ୍କୁ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିବାକୁ କୁହାଗଲା ସେତେବେଳେ ସମସ୍ତ ନବାଗତ ଅହେମଦି ନିଜ ଅଣଅହେମଦୀ ବନ୍ଧୁ ପରିଜନଙ୍କୁ ବିଶେଷ ଭାବରେ ମୋର ଅଭିଭାଷଣ ଶୁଣିବା ନିମନ୍ତେ ଆମନ୍ତ୍ରିତ କରିଥିଲେ । ସେ କୁହନ୍ତି କିଛି ଲୋକେ ତ ଅଠର ଅଠର କିଲୋମିଟର ଓ ଆଉ କେତେ ଲୋକ ତିରିଶି ତିରିଶି କିଲୋମିଟର ଦୂରତା ଅତିକ୍ରମ କରି ସାଇକେଲ୍‌ରେ ଓ ପଦଯାତ୍ରା କରି ଏଠାରେ ପହଂଚିଲେ । ସେମାନଙ୍କ ମଧ୍ୟରୁ ଅଧିଂକାଶ ଲୋକ ପ୍ରଥମ ଅଧିବେଶନ ଶୁଣିବା ଉଦ୍ଦେଶ୍ୟରେ ଆସିଥିଲେ । କିନ୍ତୁ ମୋର ପ୍ରଥମ ଅଭିଭାଷଣ ଶୁଣିବା ପରେ ସେମାନେ ନିଜ ମତ ପରିବର୍ତନ କରିଦେଇଥିଲେ ଓ ଲେଉଟି ଯିବା ପାଇଁ କରିଥିବା ଯୋଜନା ପରିବର୍ତନ କରି ତିନିଦିନ ସେଠାରେ ରହି ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ଶୁଣିଥିଲେ । ମୋର ଶେଷ ଅଭିଭାଷଣ ଶୁଣି କହିଲେ, ଆପଣଙ୍କ ଖଲିଫା ଆମ ହୃଦୟ ଜିଣି ନେଇଛନ୍ତି । ଯେଉଁ ଇସ୍‌ଲାମ୍ ସେ ଉପସ୍ଥାପନ କଲେ ତାହା ହିଁ ପ୍ରକୃତ ଇସ୍‌ଲାମ୍ । ଇତ୍ୟବସରରେ ସେମାନଙ୍କ ମଧ୍ୟରୁ ୧୨୭ ଜଣ ମହିଳା ଓ ପୁରୁଷ ବୟତ କରି ଅର୍ଥାତ ଦୀକ୍ଷା ନେଇ ଅହେମଦିୟତ୍‌ରେ ସାମିଲ ହୋଇଯାଇଥିଲେ । ସାମୁହିକ ଭାବରେ ସେମାନେ ବୟତ କରିଥିଲେ ।

କଙ୍ଗୋରୁ ମୌଲିମ ଇବ୍ରାହିମ୍ ସାହେବ କୁହନ୍ତି ଜଣେ ଖ୍ରୀଷ୍ଟ ସଂପ୍ରଦାୟ ବନ୍ଧୁ ଶ୍ରୀମାନ୍ ମୋକ ଗୋନ୍‌ସିବି (Mouk Ngantsibi) ସାହେବ ଜଲ୍‌ସା ଦେଖିବା ପାଇଁ ଆମନ୍ତ୍ରିତ ହୋଇଥିଲେ । ସେ ନିଜର ପତ୍ନୀଙ୍କ ସାଙ୍ଗରେ ଜଲ୍‌ସା ରେ ଯୋଗ ଦେଲେ ଜଲ୍‌ସା ଶେଷ ହେବାପରେ ସେ ନିଜର ପତ୍ନୀଙ୍କୁ କହିଲେ ମୋର ମନେ ହେଉଛି ଏଭଳି ମାର୍ଗଦର୍ଶନ ଓ ଶିକ୍ଷା ଆମକୁ ଅନ୍ୟ କୌଣସି ସ୍ଥଳେ ମିଳିବ ନାହିଁ । ଆମେ ନିଜ ଜୀବନର ଏକ ଦୀର୍ଘ ସମୟ ଖ୍ରୀଷ୍ଟ ଧର୍ମରେ ଅତିବାହିତ କରି ନଷ୍ଟ କରିଦେଲେ ଏଠାରେ ଆମେ ଏହି ତିନି ଦିନରେ ଯାହା କିଛି ଶିକ୍ଷା ହାସଲ କଲେ ତାହା ଖ୍ରୀଷ୍ଟ ଧର୍ମରେ ରହି ସାରା ଜୀବନରେ ଶିଖି ପାରିନଥାନ୍ତେ । ବର୍ତମାନ ଆମର ମଙ୍ଗଳ ଏହିଥିରେ ଅର୍ନ୍ତନିହିତ ଯେ ଆମେ ଆଉ ସମୟ ବ୍ୟତିତ ନ କରି ଏଥିରେ ସାମିଲ ହୋଇଯିବା ଅର୍ଥାତ ଅହେମଦି ହୋଇଯିବା । ତେଣୁ ସେହି ଦମ୍ପତି ବୟତ କରି ଯମାତ୍‌ରେ ସାମିଲ ହୋଇଗଲେ ।

ଗିନି ବସାଓର ମୁବଲିଗ୍ ସାହେବ ଲେଖିଛନ୍ତି ଏଠାକାର ବାଫଟା ରିଜିଓନ୍‌ର ଜଣେ ଅଣମୁସଲମାନ ବନ୍ଧୁ ତିନିଦିନର ଜଲ୍‌ସା କାର୍ଯ୍ୟକ୍ରମ ଶୁଣିବାପରେ କହିଲେ, ଇସ୍‌ଲାମ୍‌କୁ ବର୍ତମାନ ଜଣେ ବଳିଷ୍ଠ ନେତାଙ୍କର ଆବଶ୍ୟକତା ରହିଛି ଏବଂ ତାହା ଜମାତ୍ ଅହେମଦିୟା ନିକଟରେ ଖଲିଫାଙ୍କ ରୂପରେ ରହିଛନ୍ତି । ବର୍ତମାନ ସମଗ୍ର ବିଶ୍ୱର ମୁସଲମାନମାନଙ୍କୁ ଏକାଠି ହୋଇଯିବା ଉଚିତ । ଶେଷରେ ସେ ବୟତ କରି ଯମାତ୍‌ରେ ସାମିଲ ହୋଇଗଲେ ।

କଙ୍ଗୋ ବ୍ରାଜାଓ୍ୱିଲ୍ ଦେଶର ଜଣେ ଇସାଇ ବନ୍ଧୁ କହିଲେ, ମୁଁ କଦାପି କୌଣସି ଧର୍ମ ପ୍ରତି ମନନିବେଶ ବା ଆଗ୍ରହ ପ୍ରକାଶ କରୁନଥିଲି କାରଣ ଖ୍ରୀଷ୍ଟ ଧର୍ମକୁ ଦେଖି ମୁଁ ଚିନ୍ତା କରୁଥିଲି ଯେ, ଧାର୍ମିକ ଲୋକେ ନିଷ୍ଠାବାନ ନୁହନ୍ତି । ମୋ ଭାଇ ପ୍ରଥମରୁ ଅହେମଦି ହୋଇଯାଇଥିଲେ ତେଣୁ ସେ ମତେ ଏହି ଜଲ୍‌ସାରେ ଯୋଗ ଦେବା ପାଇଁ ପ୍ରୋସ୍ୱାହିତ କଲେ ତାଙ୍କ କଥାରେ ମୁଁ ଏଠାକୁ ଆସିଗଲି ଏବଂ ଯେତେ ଯେତେ ଏ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିଚାଲିଲି ମୋ ଅନ୍ତରରେ ଏକ ପରିବର୍ତନର ସୁତ୍ରପାତ ହେଲା । ଧର୍ମ ଆଡ଼କୁ ମୁଁ ଆକର୍ଷିତ ହେଲି ଖଲିଫାଙ୍କ ଅଭିଭାଷଣ ଶୁଣି ପ୍ରଥମଥର ମୋର ହୃଦୟ ସାକ୍ଷ୍ୟ ଦେଲା ଯେ ଏକା ଧର୍ମ ହିଁ ସତ୍ୟ ଅଟେ ଓସତ୍‌ଧର୍ମରେ ହୃଦୟ ପରିବର୍ତନ କରିବାର ଶକ୍ତି ରହିଥାଏ । ମୁଁ ଜୀବନର ପ୍ରଥମ ଥର ପାଇଁ ଇସ୍‌ଲାମ୍ ଅହ୍‌ମଦିୟକୁ ଗୋଟିଏ ଧର୍ମ ଭାବରେ ସ୍ୱୀକାର କରୁଅଛି ।

ନାଇଜେରିୟାର ଜଣେ ଅଣଅହେମଦୀ ବନ୍ଧୁ ଜଲ୍‌ସା ଶୁଣି ବୟତ କରିବାର ସୌଭାଗ୍ୟ ଅର୍ଜନ କଲେ ସେ କୁହନ୍ତି ଜଲ୍‌ସାର କାର୍ଯ୍ୟକ୍ରମ ଦେଖି ମୁଁ ବହୁତ ପ୍ରଭାବିତ ହୋଇଗଲି ଏବଂ ଯେଉଁ ସତ୍ୟର ମୁଁ ଅନୁସନ୍ଧାନ କରୁଥିଲି ତାହା ଆଜି ମତେ ମିଳିଗଲା । ତେଣୁ ବର୍ତମାନ ବୟତ କରିବାକୁ ଚାହେଁ ।

ସିନିଗାଲ୍ ଦେଶରୁ ଜଫର୍ ଇକ୍‌ବାଲ୍ ସାହେବ କୁହନ୍ତି ଅମ୍ବୁର୍ ଅଂଚଳରେ ଜଲ୍‌ସାର ଏହି ତିନିଦିନ ମୋର ଯେଉଁ ଅଭିଭାଷଣ ଥିଲା, ତାହା ଚାରୋଟି ରେଡ଼ିଓ ଏବଂ ଗୋଟିଏ ଟିଭି ଚ୍ୟାନେଲ୍ ମାଧ୍ୟମରେ ପ୍ରସାରିତ ହୋଇଥିଲା । ଗୋଟିଏ ରେଡ଼ିଓ ଚ୍ୟାନେଲ ଉଦ୍‌ଘୋଷକ ମଠୋର ଏହି ବକ୍ତବ୍ୟଗୁଡ଼ିକୁ ଆଚଂଳିକ ଭାଷାରେ ଶୁଣି ଅହେମଦିୟତ୍ ଗ୍ରହଣ କରିନେଲେ । ସେ ଭଦ୍ର ବ୍ୟକ୍ତି ଜଣକ ବେଶ୍ ଶିକ୍ଷିତ ବ୍ୟକ୍ତି ଓ ସାଧାରଣରେ ବେଶ୍ ପ୍ରସିଦ୍ଧ । ସେ କୁହନ୍ତି ଯେ, ମୁଁ ଯମାତ୍ ଅହେମଦିୟା ସମ୍ପର୍କରେ ଅନେକ କଥା ଶୁଣିଥିଲି କିନ୍ତୁ ଆଜି ଇମାମ୍ ଯମାତ୍‌ଙ୍କ କଥା ଶୁଣିବା ପରେ ପ୍ରକୃତ କଥା ଜାଣିପାରିଛି ତେଣୁ ମୁଁ ଅହେମଦିୟତ୍‌ରେ ସାମିଲ ହେବାକୁ ଚାହୁଁଛି । ସେ ସେହିଦିନ ହିଁ ନିଜ ପରିବାର ସମେତ ବୟତ କରିନେଇଥିଲେ । କ୍ୟାମେରୁନ୍ ଦେଶର ମରଓ୍ୱା ସହରର ଜଣେ ସ୍ଥାନୀୟ (ଲୋକାଲ୍) ଇମାମ୍ ସାହେବ କୁହନ୍ତି ଜଲ୍‌ସାର ବିଶେଷତ୍ୱ ହେଉଛି ଏହା ଯେ, ଯମାତ୍ ଅହେମଦିୟାର ଇମାମ୍‌ଙ୍କର ବକ୍ତୃତା ହେଉଛି ମୂଳ କେନ୍ଦ୍ରବିନ୍ଦୁ । ଜମାତ୍‌ର ପ୍ରତ୍ୟେକ କଥା ପବିତ୍ର କୁର୍‌ଆନ୍ ଓ ହଦିସ୍ ଉପରେ ଆଧାରିତ ତେଣୁ ତାଙ୍କର ଏହି ସବୁ କଥା ମୋ ମନକୁ ଗଭୀର ଭାବରେ ପ୍ରଭାବିତ କରିଛି ନିଃସନ୍ଦେହ ଏହି ଯମାତ୍ ଓ ଖଲିଫା ଅଲ୍ଲାଃ ତାଲାଙ୍କ ତରଫରୁ ବୋଲି ମୋ ହୃଦୟ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ । ଅତଏବ ସେ ନିଜର ସାଙ୍ଗମାନଙ୍କ ସହିତ ବୟତ କରି ଯମାତ୍ ଅହେମଦିୟାରେ ସାମିଲ ହୋଇଯାଇଥିଲେ । ନ୍ୟାୟ ଦୃଷ୍ଟିରେ ଅବଲୋକନ କରୁଥିବା ଲୋକମାନେ ଅନେକ ବିଦ୍ୱାନ ଏପରି ଅଛନ୍ତି ଯେଉଁମାନେ ସତ୍ୟକୁ ଦେଖି ତାହାକୁ ଗ୍ରହଣ କରିନେଇଥାନ୍ତି ।

ମାଲିରେ ଅଣଅହେମଦୀ ବ୍ୟକ୍ତିମାନେ ଜଲ୍‌ସାରେ ସାମିଲ ହୋଇଥିଲେ, ଜଲ୍‌ସା ଦେଖିବା ପରେ ସେମାନେ ଯମାତ୍ ଅହେମଦୀୟାରେ ସାମିଲ ହୋଇଯାଇଥିଲେ । ଜଲ୍‌ସା ପୂର୍ବରୁ ରେଡ଼ିଓ ମାଧ୍ୟମରେ ପ୍ରତିଦିନ ଏହି ଜଲ୍‌ସା ନିମନ୍ତେ ଘୋଷଣା କରାଯାଉଥିଲା । ମିଶନରେ ଆସି ଜଲ୍‌ସା ଦେଖିବାପାଇଁ ଆମେ ସମସ୍ତଙ୍କୁ ଆମନ୍ତ୍ରିତ କରୁଥିଲୁ ସୁତରାଂ ଜଲ୍‌ସା ଦିନରେ ଅହେମଦୀ ଲୋକଙ୍କ ବ୍ୟତିତ ଅଣଅହେମଦୀ ଲୋକମାନେ ମଧ୍ୟ ଜଲ୍‌ସାର ପ୍ରସାରଣ କାର୍ଯ୍ୟକ୍ରମ ଦେଖିଥିଲେ । ଜଲ୍‌ସା ଶେଷ ଦିନ ଚାରିଜଣ ସଦସ୍ୟ ବୟତ କରି ଅହେମଦିୟତ୍‌ରେ ସାମିଲ ହୋଇଗଲେ । ସେହି ସଦସ୍ୟମାନେ ଶିକ୍ଷିତ ଲୋକେ ଥିଲେ । ସେମାନେ କହିଲେ ଆମେ ଅନେକ ଦିନ ହେଲା କାଇ ସହରରେ ରେଡ଼ିଓ ଶୁଣିଥିଲୁ ଏବଂ ଆମେମାନେ ଅହେମଦିୟତ୍ ପ୍ରତି

ଆକର୍ଷିତ ଥିଲୁ । ଆମେମାନେ ଯେତେବେଳେ ରେଡ଼ିଓରେ ଜଲ୍‌ସା ଅନୁଷ୍ଠିତ ହେବା ସମ୍ବନ୍ଧରେ ଶୁଣିବାକୁ ପାଇଲୁ ସେତେବେଳେ ଆମମାନଙ୍କ ମନରେ ଏହି ଜିଜ୍ଞାସା ଉତ୍ପନ୍ନ ହେଲା ଯେ ଏହି ଜଲ୍‌ସା ଆବଶ୍ୟ ଦେଖିବା ଓ ଶୁଣିବା ଉଚିତ । ସେ କୁହନ୍ତି ଜଲ୍‌ସା ଦେଖିବା ପରେ ଇସ୍‌ଲାମ୍‌ର ସଫଳତା ଓ ଉନ୍ନତି କେବଳ ଅହେମଦିୟତ୍ ସହିତ ସଂଶ୍ଳିଷ୍ଟ ବୋଲି ବୋଧ ହେଲା । ଯମାତ୍ ଅହେମଦିୟା ଯେଉଁ ଇସ୍‌ଲାମ୍‌କୁ ସଂସାର ବାସୀଙ୍କ ନିକଟରେ ଉପସ୍ଥାପିତ କରୁଛି ତାହା ହିଁ ପ୍ରକୃତ ଓ ବାସ୍ତବ ଇସ୍‌ଲାମ୍ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ମୁସଲମାନମାନଙ୍କୁ ଏହି ଖଲିଫାଙ୍କର ଆବଶ୍ୟକତା ରହିଛି ଯିଏ ମୁସଲମାନମାନଙ୍କର ମାର୍ଗଦର୍ଶନ କରିପାରିବେ ଏବଂ ସାମ୍ପ୍ରତିକ ଯୁଗରେ ଜଲ୍‌ସାରେ ଖିଲାଫତ୍ ଅହେମଦୀୟା ମାଧ୍ୟମରେ ହିଁ ତାହା ଆରମ୍ଭ ହୋଇଛି । ସେମାନେ ଏହା କହିଲେ ଯେ, ବର୍ତମାନ ଆମେମାନେ ସମ୍ପୂର୍ଣ୍ଣ ରୂପେ ସଚ୍ଚୋଟ ଅହେମଦୀ ହୋଇସାରିଛୁ ତେଣୁ ଆପଣ ଏବେ ଆମକୁ ଏକଥା କୁହନ୍ତୁ ଯେ ଜଣେ ଅହେମଦୀକୁ ମାସିକ ଧାର୍ଯ୍ୟ ଚାନ୍ଦା କେତେ ଦେବା ଆବଶ୍ୟକ ? ତା ଅନୁସାଂରେ ଆମେ ପ୍ରତ୍ୟେକ ମାସରେ ଧର୍ମ ସେବା ପାଇଁ ଚାନ୍ଦା ପଇଠ କରିବାକୁ ଇଚ୍ଛୁକ ।

ମାଲିର ଅମୀର ସାହେବ କୁହନ୍ତି କାଇ ରିଜିଅନ୍‌ର ମିଶନ ହାଉସରେ କେତେ ଜଣ ଅଣଅହେମଦୀ ଜଲ୍‌ସା ପ୍ରସାରଣ ଦେଖିବାପାଇଁ ଆସିଲେ । ଜଲ୍‌ସାର ତୃତୀୟ ଦିନ ଯେତେବେଳେ ବୟତର ବିଶ୍ୱାସବର୍ଦ୍ଧକ ଦୃଶ୍ୟ ସମ୍ପର୍କରେ ଗୋଟିଏ ଡ଼କ୍ୟୁମେଂଟାରୀ ପରିବେଷଣ କରାଗଲା ସେତେବେଳେ ସେହି ଅଣଅହେମଦୀମାନଙ୍କ ମଧ୍ୟରୁ କେତେକ ଶିକ୍ଷିତ ବ୍ୟକ୍ତିମାନେ ପ୍ରଶ୍ନ କଲେ ଯେ, ବୟତର ସର୍ତାବଳୀ ଗୁଡ଼ିକ କ'ଣ କ'ଣ ରହିଛି । ଯେତେବେଳେ ମୌଲୀମ୍ ସାହେବ ଶରାୟତେ ବୟତେ ଅର୍ଥାତ ବୟତ କରିବାର ସର୍ତାବଳୀଗୁଡ଼ିକର ସ୍ଥାନୀୟ ଭାଷାରେ ଅନୁବାଦ ହୋଇଥିବା ଉଲ୍ଲେଖକୁ ପଢ଼ି ଶୁଣାଇଲେ ସେତେବେଳେ ସେହି ଅଣଅହେମଦୀ ବ୍ୟକ୍ତିମାନେ କହିଲେ ଯେ, ଏହା ତ ଇସ୍‌ଲାମ୍‌ର ସାଂରାଂଶ ଏବଂ ତହିଁରେ ସାମାଜିକ ଜୀବନ ଅତିବାହିତ କରିବା ପ୍ରସଙ୍ଗରେ ଉତମ ଭାବରେ ମାର୍ଗଦର୍ଶନ ଉଲ୍ଲେଖିତ ରହିଛି । ଏହା ଉପରେ କାର୍ଯ୍ୟାନୁସରଣ କରିବା ତ ପ୍ରତ୍ୟେକଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ସୁତରାଂ ଜଲ୍‌ସା ପରେ ସେ ବୟତ କରିନେଲେ ।

ଘାନାରେ ଲାଇଭ ଷ୍ଟ୍ରିମିଂ ମାଧ୍ୟମରେ ଲୋକମାନେ ଏ ଜଲ୍‌ସାରେ ସାମିଲ ହୋଇଥିଲେ । ବୁସ୍ତାନେ ଅହେମଦ୍ ଇକ୍‌ରାର ସବୁଜମୟ ପରିଶରରେ ଜଲ୍‌ସା ଶୁଣିବାର ବ୍ୟବସ୍ଥା ହୋଇଥିଲା । ସେ କୁହନ୍ତି ଜଲ୍‌ସାର ପରିବେଶ ଅତି ଉତମ ଥିଲା, ପ୍ରସଂଶନୀୟ ଓ ଆନନ୍ଦଦାୟକ ଥିଲା, ଦୁଇଟି ସ୍ଥାନରେ ଦୁଇଟି ବଡ଼ ବଡ଼ ପରଦାରେ ମହିଳା ଓ ପୁରୁଷମାନଙ୍କୁ ସିଧାସଳଖ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିବାପାଇଁ ଆୟୋଜନ କରାଯାଇଥିଲା । ତେଣୁ ତିନି ଦିନରେ ୨୫୦୦ରୁ ଉର୍ଦ୍ଧ ମହିଳା ଓ ପୁରୁଷ ସେଠାରେ ସାମିଲ ଥିଲେ । କମାସିର ଅହେମଦିୟା ସେଂଟରାଲ୍ ମସ୍‌ଜିଦ୍‌ରେ ବ୍ୟାପକ ସ୍ତରରେ ଜଲ୍‌ସା ଶୁଣିବାର ବ୍ୟବସ୍ଥା କରାଯାଇଥିଲା । ସେଠାରେ ଏହି ତିନିଦିନ ଦୁଇହଜାରରୁ ଉର୍ଦ୍ଧ୍ୱ ଲୋକେ ଜଲ୍‌ସା ଶୁଣିବାକୁ ଆସିଥିଲେ । ଅପରୱେଷ୍ଟ ୱା (wa) ସହରରେ ବାରଟି ମସ୍‌ଜିଦ୍‌ରେ ଜଲ୍‌ସା ସାଲାନା କାର୍ଯ୍ୟକ୍ରମ ଶୁଣିବାର ବ୍ୟବସ୍ଥା କରାଯାଇଥିଲା । ଏହିପରି ବାକି ସମସ୍ତ ରିଜିଅନ୍‌ରେ ୧୪ ଟି ସ୍ଥାନରେ ଜଲ୍‌ସା ଶୁଣିବାର ଆୟୋଜନ କରାଯାଇଥିଲା ଯେଉଁଠାରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ଥିଲେ । ଅନ୍ୟ ଚ୍ୟାନେଲ ମାଧ୍ୟମରେ ମଧ୍ୟ ଏମ୍‌ଟିଏ ଦେଖୁଥିଲେ । ଏମ୍‌ଟିଏ ଆଫ୍ରିକା, ଏମ୍‌ଟିଏ ଘାନା ବ୍ୟତିତ ଜଲ୍‌ସାର କାର୍ଯ୍ୟକ୍ରମ ଘାନାର ତିନୋଟି ଅନ୍ୟ ଚ୍ୟାନେଲ୍‌ରେ ମଧ୍ୟ ଦେଖାଯାଇଥିଲା ।

ୟମନ୍‌ରୁ ଅକ୍ରମ ଅଲୀ ଅଲ୍‌କହ୍‌ଲାନୀ ସାହେବ କହିଲେ ଯେ, ଆଜି ଉପସ୍ଥିତ ଖଲିଫାଙ୍କ ଏହି ଜଲ୍‌ସା ଅଭିଭାଷଣରୁ ଆମ ଆତ୍ମାକୁ ଏକ ନୂଆ ଜୀବନ ପ୍ରଦାନ କରାଯାଇଛି ବା ନୂଆ ଜୀବନମିଳିଛି । ଆମର ଆଖିରୁ ଲୁହ ଶୁଖିଯାଇଥିଲା ଏବେ ତାହା ପୁଣି ଫେରି ଆସିଛି ଓ ହୃଦୟ କଠୋର ହେବା ପରେ କୋମଳ ହୋଇଯାଇଛି । ଉପସ୍ଥିତ ଖଲିପାଙ୍କ ଲଜ୍‌ନାମାନଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଅଭିଭାଷଣକୁ ଯଦି ସମଗ୍ର ପୃଥିବୀବାସୀ ଶୁଣି ନିଅନ୍ତି ଏବଂ ତାହା ଉପରେ କାର୍ଯ୍ୟାନୁସରଣ କରନ୍ତି ତାହାହେଲେ ଏହି ବସୁଧା ଶତ ପ୍ରତିଶତ ସ୍ୱର୍ଗ ପାଲଟିଯିବ । ସେହିପରି ଶେଷ ଉଦ୍‌ବୋଧନ ଜଲ୍‌ସାର ସମସ୍ତ ଆୟୋଜନ ଓ ବ୍ୟବସ୍ଥାକୁ ପରିବର୍ଦ୍ଧିତ କରୁଥିଲା । ଏହି ସମସ୍ତ ବ୍ୟବସ୍ଥାର ପୃଥିବୀରେ ଅନ୍ୟ କେଉଁଠି ଦୃଷ୍ଟାନ୍ତ ଦେଖିବାକୁ ମିଳୁନାହିଁ । ସମସ୍ତ ଚେହେରା ସ୍ମିତ ହାସ୍ୟ ପରିପ୍ରକାଶ କରୁଥିବାର ଦୃଶ୍ୟମାନ ହେଉଥିଲା । ଏହା ସେହି ଈଶ୍ୱରଙ୍କ କୃପା ଓ ଅନୁଗ୍ରହ ଯାହା ଯମାତ୍ ଅହେମଦିୟାକୁ ପ୍ରାପ୍ତ ହୋଇଛି ।

ୟମନ୍‌ରୁ ୟାମିର ଅଲୀ ସାହେବ କୁହନ୍ତି ଜଲ୍‌ସାର ତିନିଦିନ ଆମ ପାଇଁ ଈଦ୍ ପରି ଥିଲା । ଏହି ତିନିଦିନରେ ଆମେ ଅଲ୍ଲାଃ ତାଲାଙ୍କ କୃପାକୁ ଅବତୀର୍ଣ୍ଣ ହେଉଥିବାର ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଅଲ୍ଲାଃ ତାଲାଙ୍କର ପ୍ରତିଶୃତି ପୂର୍ଣ୍ଣ ହେଉଥିବାର ଦେଖିବାକୁ ପାଇଲୁ । ଜଲ୍‌ସା ଦ୍ୱାରା ଆମମାନଙ୍କର ବିଶ୍ୱାସରେ ଦିନକୁ ଦିନ ଅଭିବୃଦ୍ଧି ଘଟି ଚାଲିଛି କାରଣ ଆମେ ଏହା ଅବଲୋକନ କରିଛୁ ଯେ ଅଲ୍ଲାଃ ତାଲାଙ୍କ କୃପାର କିଭଳି ଖିଲାଫତେ ଅହେମଦିୟା ସହିତ ସଂଶ୍ଳିଷ୍ଟ ରହିଛି । ଖିଲାଫତ୍‌କୁ ବାଦ୍ ଦେଲେ କେବଳ ଅନ୍ଧକାର ବ୍ୟତିତ ଆଉ କିଛି ନାହିଁ । ଆମମାନଙ୍କ ମଧ୍ୟରୁ କେହି ବି ଶାରିରୀକ ରୂପେ ଜଲ୍‌ସାରେ ସାମିଲ ହୋଇନଥିଲେ ବରଂ ଆଧ୍ୟାତ୍ମିକ ରୂପେ । ଜଲ୍‌ସାର ପବିତ୍ରମୟ ଆଧ୍ୟାତ୍ମିକ ପରିବେଶକୁ ଆମେ ଅନୁଭବ କରିଥିଲୁ ଏବଂ ଆମକୁ ଏମିତି ଲାଗୁଥିଲା ଯେମିତି ଆମେମାନେ ଏହି ଜଲସାରେ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ଅଛୁ । ସେ କୁହନ୍ତି ଆମେ ଆପଣଙ୍କୁ ଦେଖି ଆପଣଙ୍କ ଉପଦେଶକୁ ଶୁଣି ଭାବବିହ୍ୱଳ ହୋଇଯାଇଛୁ ଯାହାକି ବର୍ଣ୍ଣନା କରିବା ସୀମା ବାହାରେ । ଆମମାନଙ୍କ ହୃଦୟ ଉପରେ ଏହା ଗଭୀର ପ୍ରଭାବ ପଡ଼ିଛି । ଆମେ ଆପଣଙ୍କ ଅଭିଭାଷଣ ଓ ଉଦ୍‌ବୋଧନ ଶୁଣି ବହୁତ ଉପକୃତ ହେଲୁ । କାରଣ ଅନେକ କର୍ତବ୍ୟ ପ୍ରତି ଆମର ଦୃଷ୍ଟି ଆକର୍ଷଣ ହେଲା । ସେହିପରି ଅନେକ ତ୍ରୁଟି ସମ୍ପର୍କରେ ଆମେ ଜାଣିବାକୁ ପାଇଲୁ ବା ଆମ ତ୍ରୁଟିଗୁଡ଼ିକ ଆମକୁ ଦୃଶ୍ୟମାନ ହେଲା । ଆମେ ଏ ସମ୍ବନ୍ଧରେ ଅବଗତ ହୋଇପାରିଲୁ । ବର୍ତମାନ ସେ କୁହନ୍ତି ବିଭିନ୍ନ ଦେଶରୁ ଅହେମଦିମାନଙ୍କ ଏକତ୍ରିତ ହୋଇ ଜଲ୍‌ସାରେ ସାମିଲ ହେବାର ଦୃଶ୍ୟ ମୋ ହୃଦୟ ଉପରେ ବେଦନା ଉତ୍ପନ୍ନ କଲା ଏବଂ ମୁଁ ଦୁଆ କଲି ଯେ, ଅଲ୍ଲାଃ ତାଲା ଯଥାଶିଘ୍ର ୟମନ୍‌ରେ ମଧ୍ୟ ଏହି ଭଳି ସ୍ଥାନ ପ୍ରଦାନ କରନ୍ତୁ ଯେଉଁଠି ସେମାନେ ଜଲ୍‌ସାରେ ସାମିଲ ହୋଇପାରିବେ ।

ଉର୍ଦ୍ଧୁନରୁ ହାମିଦ୍ ସାହେବ କୁହନ୍ତି ପ୍ରତ୍ୟେକ ବର୍ଷ ପୃଥିବୀର ସମସ୍ତ ରାଷ୍ଟ୍ରରୁ ଲୋକମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀର ସତ୍ୟତାର ସାକ୍ଷ୍ୟ ଦେଇ ଜଲ୍‌ସାରେ ସାମିଲ ହୁଅନ୍ତି । ଚଳିତବର୍ଷର ଜଲ୍‌ସା ଏକ ବିଶେଷ ଧରଣର ଜଲ୍‌ସା ଥିଲା କାରଣ ଚଳିତ ବର୍ଷ ଇଂଟରନେଟ୍ ଓ ଏମ୍‌ଟିଏ ମାଧ୍ୟମରେ ସମସ୍ତ ରାଷ୍ଟ୍ରରୁ ଅହେମଦୀମାନେ ବିପୁଳ ସଂଖ୍ୟାରେ ସାମିଲ ହୋଇଥିଲେ । ଅଲ୍ଲାଃ ତାଲା ପ୍ରତ୍ୟେକ ପ୍ରକାରର ପ୍ରତିକୂଳ ପରିସ୍ଥିତି ସତ୍ୱେ ଯମାତ୍‌ର ସମର୍ଥନ କରୁଥିଲେ ଏବଂ ଜଲ୍‌ସାର କାର୍ଯ୍ୟକ୍ରମ ତାହାର ଜ୍ୱଳନ୍ତ ପ୍ରମାଣ ଥିଲା । ଚଳିତ ବର୍ଷର ଜଲ୍‌ସାରେ ମୁଁ ଉପସ୍ଥିତ ଖଲିଫାଙ୍କର ଉପସ୍ଥିତିରେ ଏକ ଆଧ୍ୟତ୍ମିକ କଶଫ ଅର୍ଥାତ ତନ୍ଦ୍ରାବସ୍ଥା ଏବଂ ବୈକୁଣ୍ଠ ସହିତ ତୁଳନା କରୁଛି । ଏହି ଆଧ୍ୟତ୍ମିକ ତଥା ବୈକୁଣ୍ଠର ଫଳକୁ ଆମେମାନେ ତିନିଦିନ ଧରି ଭକ୍ଷଣ କରିଥିଲୁ ତାହା ଏପରି ଲାଗୁଥିଲଶ ଯେପରି ସତ୍ୟ ଓ ପ୍ରକୃତ ଇସ୍‌ଲାମ୍‌ର ପ୍ରଚାର ପାଇଁ ଆଧ୍ୟାତ୍ମିକ ପରିବେଶର ଏକ ସ୍ୱର୍ଗୀୟ ଶିବିର ସ୍ଥାପିତ ହୋଇଯାଇଛି ।

ସିରିୟାରୁ ମୁହମ୍ମଦ ବଦର ସାହେବ କୁହନ୍ତି ଜଲ୍‌ସାରେ ଅହେମଦି ମୁସଲମାନମାନେ ବିଭିନ୍ନ ଜାତି ସଂସ୍କୃତି ଓ ବର୍ଣ୍ଣ ଧର୍ମ ନିର୍ବିଶେଷରେ ଉପସ୍ଥିତ ଖଲିଫାଙ୍କ ନେତୃତ୍ୱରେ ଯମାତ୍‌ର ଧ୍ୱଜା ତଳେ ଏକତ୍ରିତ ହୋଇଥିଲେ । ଅଲ୍ଲାଃ ତାଲାଙ୍କର ଏହି ବାକ୍ୟଟି ସତ୍ୟ ବୋଲି ପ୍ରତିତ ହେଉଥିଲା ଯେ ଏମାନଙ୍କ ଉପରେ ଯଦି ତୁ ଭୂପୃଷ୍ଠରେ ସମସ୍ତ ଧନରତ୍ନ ବ୍ୟୟ କରିଦେଉ ତଥାପି ତୁ ସେମାନଙ୍କର ହୃଦୟକୁ ଯୋଡ଼ି ପାରିବୁନାହିଁ । ଏହା କେବଳ ପ୍ରଭୁଙ୍କ ହସ୍ତରେ ରହିଛି ଯେ ସେ ଯାହାକୁ ଚାହିଁବେ ଯୋଡ଼ି ପାରିବେ ଏବଂ ଏଭଳି ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିପାରିବେ । ଏଭଳି ପୁରସ୍କାର ପ୍ରଦାନ କରିପାରିବେ । ବରଂ ଅଲ୍ଲାଃ ତାଲା ସେହି ହୃଦୟମାନଙ୍କୁ ଯୋଡ଼ି ଦେଇଛନ୍ତି । ପବିତ୍ର କୁରଆନ୍‌ର ଏହି ଆୟତ ଆମମାନଙ୍କ ପାଇଁ ଅଲ୍ଲାଃ ତାଲାଙ୍କ ଏକ କୃପା ସଦୃଶ । ଜଲ୍‌ସାରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କ ମୁଖମଣ୍ଡଳରୁ ସେମାନଙ୍କର ପ୍ରେମଭାବ ପରିପ୍ରକାଶ ହେଉଥିଲା । ଜଲ୍‌ସାରେ ଶାନ୍ତି ଓ ସୁରକ୍ଷାର ଅନୁଭବ ମଧ୍ୟ ହେଉଥିଲା । ଏଭଳି ଲାଗୁଥିଲା ଯେପରି ଆମେମାନେ ସମସ୍ତେ ନିଜର ଆଧ୍ୟାତ୍ମିକ ଗୁରୁଙ୍କ ସାମନାରେ ଏକ ଆଧ୍ୟାତ୍ମିକ ମରୁସ୍ଥଳର ସବୁଜ ଖଜୁରୀ ବଗିଚାରେ ଛିଡ଼ା ହୋଇଅଛୁ । ଯହିଁରେ କେବଳ ଶାନ୍ତି ଆଉ ଶାନ୍ତି ରହିଛି । ମୋ ମନରେ ପ୍ରବଳ ଉତ୍କଣ୍ଠା ଜାତ ହେଲା ଯେ ମୋ ଠାରେ ଅନେକ ଦୋଷ ଦୃବଳତା ଓ ତ୍ରୁଟି ରହିଛି । ମତେ ନିଜ ଅନ୍ତର ଆତ୍ମାର ବିଶ୍ଳେଷଣ କରିବା ଉଚିତ ଏବଂ ପ୍ରୟାସ କରିବା ଉଚିତ, ଉନ୍ନତି ପଥରେ ଆଗେଇ ଯିବାକୁ ବାହାରିଯିବା ଉଚିତ । ଧର୍ମପରାୟଣତା ସର୍ବୋଚ୍ଚ ସ୍ତରକୁ ପ୍ରାପ୍ତ କରିବା ଉଚିତ । ଧର୍ମକୁ ସାଂସାରିକ ଉପରେ ପ୍ରାଧାନ୍ୟ ଦେବା ଉଚିତ । ନିଜର ପାରିବାରିକ ଜୀବନକୁ ସରସ ସୁନ୍ଦର ଓ ସୁବାଶିତ କରିବାପାଇଁ ମହିଳାମାନଙ୍କ ପ୍ରତି ପ୍ରେମ ଓ ବିନମ୍ରତା ପୂର୍ବକୁ ଆଚରଣ ପ୍ରଦର୍ଶନ କରିବା ଉଚିତ ।

ଜର୍ମାନୀରୁ ଅବ୍‌ଦୁର୍ ରହ୍‌ମାନ୍ ଲେବ୍‌ନାନୀ ସାହେବ କୁହନ୍ତି ମୁଁ ବର୍ଲିନ ମସ୍‌ଜିଦ୍‌ରେ ଜମାତ୍‌ର ସଦସ୍ୟଙ୍କ ସହିତ ତିନିଦିନ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିଲି । ଜଲ୍‌ସାର ଆଧ୍ୟାତ୍ମିକ ପରିବେଶରୁ ଉପକୃତ ହେଲି । ଜଲ୍‌ସା ବହୁମାତ୍ରାରେ ଆମକୁ ପ୍ରଭାବିତ କରିଥିଲା । ଯେଉଁ ଆଧ୍ୟାତ୍ମିକତାର ଅଭାବ ଆମଠାରେ ପରିଲକ୍ଷିତ ହେଉଥିଲା ତାହା ପୁଣି ଫେରିଆସିଲା ।

ପାଲେଷ୍ଟାଇନ୍ ଦେଶର ୱେଷ୍ଟବ୍ୟାଙ୍କରୁ ଉମର୍ ସାହେବ କୁହନ୍ତି ମୋର ଏହି ଆକାକ୍ଷାଂ ରହିଥିଲା ଯେ ଏହି ଜଲ୍‌ସା ସବୁଦିନ ଅନୁଷ୍ଠିତ ହୁଅନ୍ତା କି ଯଦ୍ୱାରା ଆମେମାନେ ନବୀମାନଙ୍କ ଓ ସାଧୁସନ୍ଥମାନଙ୍କ ପରି ପାଲଟି ଯାଆନ୍ତୁ । ଏହା ଅତ୍ୟନ୍ତ ଅଭିନବ ଅନୁଭୂତି ଥିଲା । ସମସ୍ତ ଭାଇ ମାନଙ୍କ ସହିତ ଏକତ୍ର ବସି ଜଲ୍‌ସା ଶୁଣିବା ଓ ପ୍ରେମର ଓ ଭାତୃଭାବର ବିନିମୟ ହେବାର ପରିବେଶ ଭିନ୍ନ ଅଟେ ।

ଆଇଭ୍ରୀକୋଷ୍ଟର ରିଜ୍‌ୱାନ୍ ସାହେବ ଶାହିଦ୍ କୁହନ୍ତି ମାନ୍ ଯମାତ୍‌ର ସଦର ଶ୍ରୀମାନ୍ ଆନ୍ଦ୍‌ରେ ସାହେବ କହିଲେ ଜଲ୍‌ସାରେ ସବୁଠୁ ପ୍ରଭାବ ଶାଳୀ ଦୃଶ୍ୟ ଏହା ଥିଲା ଯେ, ସମଗ୍ର ପୃଥିବୀରେ ବସବାସ କରୁଥିବା ଅହେମଦୀମାନେ ଖିଲାଫତ୍‌ର ଧ୍ୱଜା ତଳେ ଏକତ୍ରିତ ଥିଲେ ଏବଂ ଖିଲାଫତ୍‌ର ଆଜ୍ଞାପାଳନ କରିବାରେ ମଗ୍ନ ଥିଲେ । କେଉଁଠି ଦିନ ଅଛି ତ ଆଉ କେଉଁଠି ରାତ୍ର ତଥାପି ସମସ୍ତେ ମିଳିତ ଭାବରେ ସାମିଲ ଥିଲେ ଏବଂ ଖଲିଫାଙ୍କ ଉଦ୍‌ଭୋଦନକୁ ଧ୍ୟାନ ପୂର୍ବକ ଶୁଣୁଥିଲେ ।

କିର୍ଗୀଜ୍‌ସ୍ତାନର ନ୍ୟାସନାଲ ପ୍ରେସିଡ଼େଂଟ ଇଲ୍‌ଆସ୍ କୁବାତୋଭ କୁହନ୍ତି:

ଜଲ୍‌ସା ଅବସରରେ ଏଭଳି ଭାଷଣ ଦିଆଯାଇଥିଲା ଯେ ଯାହାକୁ ଶୁଣି ମୁଁ ନିଜର ଆବେଗକୁ ନିୟନ୍ତ୍ରଣ କରିପାରିଲି ନାହିଁ । ମୋ ଆଖିରୁ ସ୍ୱତଃପୁତ ଭାବରେ ଅଶ୍ରୁ ଝରି ପଡ଼ିଥିଲା । ମୁଁ ୟୁଟ୍ୟୁବ୍‌ରେ ଜଲ୍‌ସା ସାଲାନା ଦେଖୁଥିବା ବେଳେ ମୋର ଆନନ୍ଦର ସୀମା ରହିନଥିଲା । ଯେତେବେଳେ ମୁଁ ୟୁଟ୍ୟୁବରେ ନିଜର ଭାଇ ଭଉଣୀଙ୍କୁ ପ୍ରତିକ୍ରୀୟା ଓ ମତାମତ ଦେବାର ଦେଖିଲି, ଯେ ସେମାନେ ପରସ୍ପରକୁ ଅଭିବାଦନ ଜଣାଉଥିଲେ ପରସ୍ପର ସହ ଭାବର ଆଦାନ ପ୍ରଦାନ ହେଉଥିଲେ ସେତେବେଳେ ମୁଁ ଖୁସି ହୋଇଗଲି ଏହି ସବୁ ମୋ ଭାଇ ଭଉଣୀମାନେ ବିଭିନ୍ନ ଭଷାଭାଷୀର ଥିଲେ, ବିଭିନ୍ନ ଜାତିର ଥିଲେ ତଥାପି ତାଙ୍କ ସହ ଏକ ସମ୍ପର୍କର ଡ଼ୋରି ବାନ୍ଧି ହୋଇଯାଇଛି । କିଏ ରଷିଆର ଥିଲା, ତ କିଏ ୟୁକ୍ରେନ୍‌ର, କିଏ ଆମେରିକାର ଥିଲା ତ କିଏ କାଗାଜିସ୍ତାନର ଓ କିଏ ର୍କିଗିସ୍ତାନର ଥିଲା । ତଥାପି ସମସ୍ତେ ଆପଣାପରି ମନେ ହେଉଥିଲେ ।

ନାଇଜେରିୟାର ଅହେମଦୀ ବନ୍ଧୁ ସୁଲେମାନ୍ ସାହେବ କୁହନ୍ତି ଖଲିଫାଙ୍କ ଖୁତ୍‌ବାର ସିଧାପ୍ରସାରଣ ନିଜ ମାତୃଭାଷା ହାଉସାରେ ଶୁଣିବାପାଇଁ ମତେ ସୁଯୋଗ ମିଳିଲା । ସେ କୁହନ୍ତି ଏମ୍‌ଟିଏ Five (5) ରେ ପ୍ରସାରଣ ହେଉଥିବା ହାଉସା ଭାଷାରେ ସଂସ୍କରଣ ଆମମାନଙ୍କ ଜଲ୍‌ସା ଶୁଣିବା ଓ ଦେଖିବାକୁ ଆହୁରି ସରସ ସୁନ୍ଦର କରିଦେଲା ଏବଂ ଆମ ପାଇଁ ଜଲ୍‌ସା ଓ ଇଦ୍ ପାଲଟି ଯାଇଥିଲା । ସେ କୁହନ୍ତି ଉପସ୍ଥିତ ଖଲିଫାଙ୍କ ହାଉସ୍ ଭାଷାରେ ଉଦ୍‌ବୋଧନ ଶୁଣି ମୁଁ ଅତି ପ୍ରସନ୍ନିତ ଯେ, ହାଉସା ଭାଷାରେ ଖଲିଫାଙ୍କର ଉଦ୍‌ବୋଧନ ଶୁଣିବାକୁ ସୁଯୋଗ ମିଳିଲା । ଚଳିତ ବର୍ଷର ପ୍ରଥମ ଥର କରି ହାଉସା ଭାଷାରେ ଜଲ୍‌ସାର କାର୍ଯ୍ୟକ୍ରମଗୁଡ଼ିକ ଅନୁବାଦ କରାଯାଇ ସିଧା ପ୍ରସାରଣ କରାଯାଉଥିଲା ।

ଇଣ୍ଡୋନେସିଆର ଜଣେ ବନ୍ଧୁ ସ୍ୱିତୁନ୍ (Suwitono) ସାହେବ କୁହନ୍ତି ଜଲ୍‌ସା ଦେଖିବା ଓ ଉପସ୍ଥିତ ଖଲିଫାଙ୍କ ଉଦ୍‌ବୋଧନ ଶୁଣିବା ପରେ ଆମ ବଂଶରେ ଖିଲାଫତ୍ ପ୍ରତି ଏକ ନୂତନ ଆତ୍ମା ଓ ପ୍ରାଣ ସଂଚାର ହୋଇଯାଇଛି । ଆମେମାନେ ମାନବତାର ସର୍ବୋଚ୍ଚ ଭାତୃଭାବର ଉଦାହରଣ ଦେଖିବାକୁ ପାଇଲୁ ଯାହାକି ଅତ୍ୟନ୍ତ ଦୁର୍ଲଭ ଅଟେ । ପ୍ରକୃତରେ ଖିଲାଫତ୍ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସବୁଠାରୁ ଉର୍ଦ୍ଧ୍ୱରେ ରହି ମାନବତା ମଧ୍ୟରେ ପ୍ରେମ, ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ପହଂଚାଇଥାଏ ।

ଅଷ୍ଟ୍ରେଲିଆରୁ ଆତିଫ ଜାହିଦ୍ ସାହେବ କୁହନ୍ତି: ଜଲ୍‌ସାର ସିଧା ପ୍ରସାରଣ ମଧ୍ୟ ରାତ୍ର ୧୨ଟା ୫୫ ମିନିଟରେ ଆରମ୍ଭ ହେଲା । ଏହା ସତ୍ତ୍ୱେ ମଧ୍ୟ ଲୋକମାନେ ଗଭୀରତାର ସହିତ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ଶୁଣିବାପାଇଁ ବିଶେଷ ରୂପେ ପ୍ରାରମ୍ଭିକ ଅଭିଭାଷଣ ଶୁଣିବା ପାଇଁ ଏଠାରେ ବହୁ ସଂଖ୍ୟକ ଅହେମଦି ଆସି ପହଂଚିଥିଲେ । ଜଣେ ବ୍ୟକ୍ତି ନିଜର ସାନ ପୁତ୍ରକୁ ଧରି ଆସିଥିଲେ । ଖୁତ୍‌ବା ପ୍ରାୟ ୧୦:୩୦ ମିନିଟରେ ଶେଷ ହେବାପରେ ସେ ନିଜ ପୁତ୍ରକୁ କହିଲେ, ତୁମେ ଘରକୁ ଚାଲିଯାଅ ତାଙ୍କ ପୁତ୍ର ଉତର ଦେଲେ ନା ମୁଁ ଯିବିନାହିଁ ବରଂ ଏଇଠି ବସି ଜଲ୍‌ସା ଓ ଖିତାବ୍ ଶୁଣିବି ତେଣୁ ସେ ମଧ୍ୟ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ବସି ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିଥିଲା ସେ କୁହନ୍ତି ଜଲ୍‌ସାର ସମାପନ ଉଦ୍‌ବୋଧନ ରବିବାର ଦିନ ବିଳମ୍ବ ରାତିରେ ଆରମ୍ଭ ହେବାକୁ ଥିଲା ଓ ତା'ପରଦିନ ୱାର୍କିଂ ଡ଼େ ଥିଲା ତେଣୁ ମୁଁ ଚିନ୍ତିତ ଥିଲି ଯେ ଲୋକମାନେ ମସ୍‌ଜିଦ୍ ଆସିବେ କି ନାହିଁ କିନ୍ତୁ ଅଲ୍ଲାଃ ତାଲାଙ୍କ କୃପାରୁ ଜଲ୍‌ସାର ଏହି ଉଦ୍‌ଜାପନି ଦିବସ ଅବସରରେ ବହୁ ସଂଖ୍ୟାରେ ଲୋକମାନେ ଶୁଣିବାକୁ ଆସି ପହଂଚିଲେ ଏବଂ ଏହି ସଂଖ୍ୟା ପ୍ରାରମ୍ଭିକ ସେସନ୍‌ରେ ସାମିଲ ହୋଇଥିବା ଲୋକଙ୍କ ସଂଖ୍ୟାଠାରୁ ଅଧିକ ଥିଲା ।

ବ୍ରାଜିଲ୍‌ରୁ ଇବ୍ରାହିମ୍ ସାହେବ କୁହନ୍ତି ଜଲ୍‌ସାର ଯେଉଁ ଗୋଟିଏ କଥା ମୋର ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲା ତଥା ମୋ ଧ୍ୟାନ କେନ୍ଦ୍ରିତ କରିଥିଲା ସେହି କଥାକୁ ମୁଁ ବିଶେଷ କରି ଚର୍ଚ୍ଚା କରିବାକୁ ଚାହୁଁଛି ତାହା ହେଉଛି, ନିଜାମେ ଖିଲାଫତ୍ ଯାହାଙ୍କ ଅଧିନରେ ଓ ଏକ ସମୟରେ ବିଭିନ୍ନ ଦେଶର ଲୋକମାନେ କିଭଳି ଭାବରେ ପରସ୍ପର ସହିତ ମିଶି ଏକତ୍ରିତ ହୋଇ ଜଲ୍‌ସାରେ ଖଲିଫାଙ୍କ ବକ୍ତୃତା ଓ କାର୍ଯ୍ୟକ୍ରମ ଶୁଣୁଥିଲେ । ଏହି କଥା ପ୍ରମାଣ କରୁଛି ଯେ, ଯମାତ୍ ଅହେମଦିୟା ହିଁ ଇସ୍‌ଲାମ୍‌ର ପ୍ରକୃତ ପ୍ରତିନିଧି । ଇମାମ୍ ମେହେଦୀ ଯଦି ନ ଆସିଥାନ୍ତେ ତାହେଲେ ଆମମାନଙ୍କ ମଧ୍ୟରେ ଏହି ଏକତା କଦାପି ଉତ୍ପନ୍ନ ହୋଇପାରିନାଥାନ୍ତା । ମୁଁ ଏହି କଥାର କୃତଜ୍ଞତା ଜ୍ଞାପନ କରୁଛି ଯେ ଏହି ଜଲ୍‌ସା ମାଧ୍ୟମରେ ଆମମାନଙ୍କ ଜ୍ଞାନରେ ଜ୍ଞାନର ଅଭିବୃଦ୍ଧି ହେଲା । କିର୍ଗିସ୍ତାନରୁ ଅତା ଖାନୁୱା ବିଲ୍‌ୱାରା Atakhanov Dilyara) ସାହେବ କୁହନ୍ତି ବକ୍ତାମାନଙ୍କର ଭାଷଣକୁ ନିଷ୍ଠାପର ଭାବରେ ଶୁଣିବା ଓ ଦେଖିବା ଅତ୍ୟନ୍ତ ଚିତାକର୍ଷକ ଥିଲା । ଉପସ୍ଥିତ ଖଲିଫାଙ୍କର ଉଦ୍‌ବୋଧନି ଓ ଅଭିଭାଷଣକୁ ଶୁଣିବା ପରେ ଭକ୍ତ ଏଭଳି ଦୁନିଆରେ ମଜିଯାଏ ଯେ, ଯହିଁରେ ଯେମିତି ଇସ୍‌ଲାମ୍‌ର ଦ୍ୱିତୀୟ ଜନ୍ମ ହେଉଥାଏ । ଆମେମାନେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ ରୂପେ ଖଲିଫାଙ୍କ ଅଭିଭାଷଣ ଓ ଉଦ୍‌ବୋଧନୀ ଶୁଣୁଥିଲୁ, ବିଶେଷ କରି ଉପସ୍ଥିତ ଖଲିଫାଙ୍କର ଲଜ୍‌ନାମାନଙ୍କ ନିମନ୍ତେ ଯେଉଁ ଉଦ୍‌ବୋଧନ ଥିଲା ଯହିଁରେ ସେ ଇସ୍‌ଲାମରେ ନାରୀମାନଙ୍କର ଅଧିକାର ସମ୍ପର୍କରେ ବର୍ଣ୍ଣନ କଲେ । ଉଦ୍‌ବୋଧନୀକୁ ଶୁଣିବା ପରେ ଆମମାନଙ୍କୁ ଅତିରିକ୍ତ ଭାବେ ଅଲ୍ଲାଃ ତାଲାଙ୍କ ଆଡ଼କୁ ଆନତ ହେବା କଥା ଯେ ଅଲ୍ଲାଃ ତାଲା କିଭଳି ଭାବରେ ଆମର ନାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିଛନ୍ତି ।

ଗୁଏଟେମାଲାରୁ ବାଇରନ ସାହେବ କୁହନ୍ତି ମୋ ପାଇଁ ଜଲ୍‌ସାର ଦିନ ଏକ ବିଶେଷ ଦିନ ଥିଲା ଓ ଏହା କୌଣସି ଚମତ୍କାରଠାରୁ କମ୍ ନଥିଲା କାରଣ ଜଲ୍‌ସାରୁ କିଛି ଦିନ ପୂର୍ବେ ଗୁଏଟେମାଲା ଯମାତ୍‌ର ଅନେକ ଲୋକ କୋରନା (Corona) ରେ ଆକ୍ରାନ୍ତ ହୋଇଯାଇଥିଲେ ଏବଂ କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପର୍ନ୍ନ ହୋଇଯାଇଥିଲା କିନ୍ତୁ ଆଜି ଗୁଏଟେମାଲାର ସମସ୍ତ ବ୍ୟକ୍ତି ଏଠାରେ ଏକତ୍ରିତ ବସି ଜଲ୍‌ସା ଶୁଣୁଛନ୍ତି ଓ ଦେଖୁଛନ୍ତି ଓ ସମସ୍ତେ ସୁସ୍ଥ ଅଛନ୍ତି । ମୁଁ ଯେତେବେଳେ ଖ୍ରୀଷ୍ଟିଆନ ଥିଲି ସେତେବେଳେ ଐଶି ଚମତ୍କାର ବିଷୟରେ ଏକ ଅଜବ ଧାରଣା ଥିଲା । କିନ୍ତୁ ଯମାତ୍ ଅହେମଦିୟାରେ ସାମିଲ ହୋଇ ମୁଁ ଚମତ୍କାରର ବାସ୍ତବତା ସମ୍ପର୍କରେ ସ୍ୱୟମ ଅନୁଭବ କରିଛି ଓ ଦେଖୁଛି ଯେ, ପ୍ରକୃତ ଚମତ୍କାର ମନୁଷ୍ୟ ନିଜ ମଧ୍ୟରେ ପରିର୍ବତନ ଆଣିବା ଦ୍ୱାରା ହିଁ ସୃଷ୍ଟି ହୋଇଥାଏ । ଏକ ବର୍ଷ ପୂର୍ବେ ମୁଁ ଏକୁଟିଆ ମସ୍‌ଜିଦ୍‌କୁ ଆସୁଥିଲି ମୋ ପରିବାରର ସଦସ୍ୟମାନେ ମସ୍‌ଜିଦ୍‌କୁ ଆସିବା ଓ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା କଥା ମତେ ଅସମ୍ଭବ ପରି ମନେ ହେଉଥିଲା । କିନ୍ତୁ ଆଜି ମୋ ପତ୍ନୀ, ସନ୍ତାନ, ସମ୍ପର୍କୀୟ, ଭାଇବନ୍ଧୁ ସମସ୍ତଙ୍କୁ ମୁଁ ସାଙ୍ଗରେ ଧରି ଆସୁଛି ଏବଂ ସେମାନେ ସଭିଏଁ ବସି ଜଲ୍‌ସା ଦେଖୁଛନ୍ତି । ନିଃସନ୍ଦେହ ରୂପେ ମୁଁ ଏହାକୁ ଏକ ଚମତ୍କାର ବୋଲି ଜାଣିଛୁ । ତାଙ୍କ ବିଷୟରେ ହଜୁର ଅନୱର କହିଲେ ଏହି ବ୍ୟକ୍ତିଜଣକ ଅତ୍ୟନ୍ତ ନିଷ୍ଠାପର ଓ ସରଳ ଅହେମଦୀ ଅଟନ୍ତି ଓ ସ୍ୱଳ୍ପ ସମ୍ୱଳ ଥିବା ସତ୍ତ୍ୱେ ମଧ୍ୟ ତବ୍‌ଲିଗ୍ କାର୍ଯ୍ୟ ପାଇଁ ତାଙ୍କ ମଧ୍ୟରେ ବଡ଼ ଆଗ୍ରହ ରହିଛି । ସେ ଯେଉଁଠି ବି ଯାଆନ୍ତି ତବ୍‌ଲିଗ୍ କରନ୍ତି । ବିଭିନ୍ନ ଲୋକଙ୍କୁ ସ୍ୱଖର୍ଚ୍ଚରେ ମସ୍‌ଜିଦ୍ ଭିଜିଟ୍ କରାଇ ଥାନ୍ତି ।

ଗୁଏଟେମାଲାରୁ ହିଁ ଆଉ ଜଣେ ବ୍ୟକ୍ତି ଯାହାଙ୍କ ନାମ ହେଉଛି ରାମିରୋ ମାର୍ଟିନେଜ୍ (Ramiro Martinez) ସେ କୁହନ୍ତି ଆଜିର ଦିନ ମୋ ପାଇଁ ଏକ ବିଶେଷ ଦିନ କାରଣ ଆଜି ଏମ୍‌ଟିଏ ମାଧ୍ୟମରେ ୟୁକେରେ ଜଲ୍‌ସା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅର୍ଥାତ ଜଲ୍‌ସା ବ୍ୟତିତ ଯେଉଁ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା, ତାହାକୁ ମୁଁ ଦେଖିବାକୁ ସୌଭାଗ୍ୟ ଅର୍ଜନ କଲି । ଏହି ଆର୍ନ୍ତଜାତିକ ବ୍ୟବସ୍ଥା ନିଃସନ୍ଦେହ ରୂପେ ଏକ ଐଶ୍ୱରିକ ବ୍ୟବସ୍ଥା । ଉପସ୍ଥିତ ଖଲିଫା ନିଃସନ୍ଦେହ ରୂପେ ଅଲ୍ଲାଃ ତାଲାଙ୍କ ତରଫରୁ ନିଯୁକ୍ତ । ସେ କିଭଳି ଆମକୁ ସୁନ୍ଦର ଭାବରେ ସବୁକଥା ବୁଝାଉଛନ୍ତି ଯେ, ଆମେମାନେ କିପରି ସମାଜରେ ମୁସଲମାନମାନଙ୍କ ଛବିକୁ ଉପସ୍ଥାପିତ କରିପାରିବା । ଇସ୍‌ଲାମ୍‌ର ଶିକ୍ଷାକୁ ଲୋକମାନଙ୍କୁ ଅବଗତ କରାଇପାରିବା । ମୁଁ ଏଥିରେ ଅତ୍ୟନ୍ତ ଆନନ୍ଦିତ ଆସନ୍ତାକୁ ମୁଁ ସର୍ବଦା ହଜୁର ଅନୱର ଅ:ବ:ଅଙ୍କ ଉଦ୍‌ବୋଧନ ଶୁଣିବି ହଜୁର ଅନୱର ଅ:ବ:ଅ ତାଙ୍କ ସମ୍ବନ୍ଧରେ କହିଲେ ଏହି ବ୍ୟକ୍ତିଜଣକ ଦୀର୍ଘ ୩୫ ବର୍ଷ ପର୍ଯ୍ୟନ୍ତ ବାଇବେଲ୍ ଧର୍ମଗ୍ରନ୍ଥ ପଢୁଥିଲେ । ବିଭିନ୍ନ ଖ୍ରୀଷ୍ଟିୟ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ସହିତ ସମ୍ମିଳିତ ଥିଲେ । ସର୍ବଦା ମତପାର୍ଥକ୍ୟ ଯୋଗୁଁ ସେ ଗୋଟିଏ ସମ୍ପ୍ରଦାୟ ତ୍ୟାଗ କରି ଅନ୍ୟ ଏକ ସମ୍ପ୍ରଦାୟରେ ସାମିଲ ହୋଇଯାଉଥିଲେ । ଦିନେ ସେ ସ୍ୱୟମ ଅନୁସନ୍ଧାନ କରି ଅହେମଦିୟତ୍ ଗ୍ରହଣ କଲେ । ମସ୍‌ଜିଦ୍‌ରୁ ୨୦ କିଲୋମିଟର ଦୂରତାରେ ସେ ରହୁଥିଲେ । ଅମେହଦିୟତ୍ ଗ୍ରହଣ କରିବାପରେ ସେ କେବଳ ଗୋଟିଏ ଜୁମା ଛାଡ଼ିଛନ୍ତି କାରଣ ତାଙ୍କ ଗାଡ଼ି ଖରାପ ଥିବା ଯୋଗୁଁ ସେ ସାମିଲ ହୋଇପାରିନଥିଲେ । ବାକି ସବୁ ଯୁମାରେ ନିୟମିତ ପଢ଼ି ଆସୁଛନ୍ତି । ସେ କେବଳ ଜୁମା ନମାଜ ମସ୍‌ଜିଦ୍‌ରେ ଆସି ପଢୁନଥିଲେ ବରଂ ଘରେ ସେ ନିୟମିତ ଭାବରେ ପାଂଚବେଳା ନମାଜ ପାଠ କରିବାର ବ୍ୟବସ୍ଥା ଓ ଆୟୋଜନ କରିଛନ୍ତି ।

ଗୁଏଟେମାଲା ଏଭାଲିନ୍ ଗୋଞ୍ଜାଲିଜ୍ (Evalin Gonzalez) ସାହେବା କୁହନ୍ତି ୟୁକେର ଜଲ୍‌ସା ସାଲାନାରେ ପ୍ରତ୍ୟକ୍ଷ ରୂପେ ସାମିଲ ହେବାର ସୁଯୋଗ ମିଳିଲା ଏବଂ ଯମାତ୍ ଅମେହଦିୟାର ବ୍ୟବସ୍ଥାକୁ ଦେଖିବାର ସୁଯୋଗ ମିଳିଲା ଏମିତି ଲାଗୁଥିଲା ଯେମିତି ସଭିଏଁ ଗୋଟିଏ ସୁତାରେ ଗୁନ୍ଥି ହୋଇଛନ୍ତି । ତାହା ଦେଖିବା ମୋ ପାଇଁ ଅତି ଅଦ୍‌ଭୁତ ଦୃଶ୍ୟ ଥିଲା । ମୁଁ ଏଥିରେ ବହୁତ ଦୁଃଖ ଅନୁଭବ କରୁଛି ଯେ ଉପସ୍ଥିତ ଖଲିଫାଙ୍କ କଥାକୁ ଶୁଣିବାରୁ ପୃଥିବୀର ଏକ ବୃହତ ଅଂଶ ଏବେ ସୁଦ୍ଧା ବଂଚିତ ରହିଛନ୍ତି । ଏହି କାରଣରୁ ପୃଥିବୀରେ ଯୁଦ୍ଧ ଭଳି ସମସ୍ୟା ଉତ୍ପନ୍ନ ହେଉଛି । ଅହେମଦିୟତ୍‌ରେ ସାମିଲ ହେବା ପରେ ଏହି କଥା ଜାଣିପାରିଛି ଯେ, ଦୁଆ ଦ୍ୱାରା ସବୁକିଛି ସମ୍ଭବପଦର ଆମମାନଙ୍କର ଅନେକ ସମସ୍ୟା ଦୁଆ ଦ୍ୱାରା ସମାଧାନ ହୋଇଯାଇଥାଏ । ଉପସ୍ଥିତ ଖଲିଫାଙ୍କୁ ଦୁଆ ଦ୍ୱାରା ମୋର ଉଜୁଡ଼ି ଯାଇଥିବା ଘର ମଧ୍ୟ ସଜାଡ଼ି ହୋଇଗଲା । ବର୍ତମାନ ଏହି କୃତଜ୍ଞତା ଜ୍ଞାପନ କରିବାକୁ ମୋ ନିକଟରେ ଶବ୍ଦ ନାହିଁ । ପ୍ରଥମ ଥର ମୁଁ ଜଲ୍‌ସାରେ ସାମିଲ ହୋଇଥିଲି । ମୋ ପାଇଁ ଏହି ଜଲ୍‌ସାରେ ସାମିଲ ହେବା ହେଉଛି ଏହା ସଫଳତା ଓ ଉନ୍ନତିର ମାର୍ଗ । ଆମେମାନେ ପୂର୍ଣ୍ଣ ତ ନାହୁଁ କିନ୍ତୁ ଆମମାନଙ୍କର ଆଧ୍ୟାତ୍ମିକତାରେ ଏକ ନୂତନ ଯାତ୍ରା ଆରମ୍ଭ ହୋଇଯାଇଛି । ଯେଉଁ ମାର୍ଗରେ ଯାଇ ଆମେ ଉନ୍ନତି କରିପାରିବୁ । ଭବିଷ୍ୟତରେ ମୁଁ ପ୍ରତ୍ୟେକ ଜଲ୍‌ସାରେ ସାମିଲ ହେବାପାଇଁ ଚେଷ୍ଟା କରିବି ।

ନାଇଜେରିଆର ଜଣେ ଅହେମଦି ବନ୍ଧୁ ଇସିୟା ବାବା ସାହେବ କୁହନ୍ତି ମୁଁ ଖୁତ୍‌ବାରେ ଅତିଥିସତ୍କାର ସମ୍ପର୍କରେ ଶୁଣିଲି ଯେ, ଇମାମ୍ ମେହେଦୀ ଆ:ସ ଅତିଥିମାନଙ୍କ ଆରାମ୍‌କୁ ନିଜର ଆରାମ୍ ଉପରେ ପ୍ରାଧାନ୍ୟ ଦେଉଥିଲେ । ଉପସ୍ଥିତ ଖଲିଫା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉଦାହରଣ ଉପସ୍ଥାପନ କଲେ ଯେ, ଅତିଥିମାନଙ୍କ ବିଶ୍ରାମ ପାଇଁ ହଜୁର ନିଜର ଖଟ ମଧ୍ୟ ଦେଇ ଦେଇଥିଲେ ଓ ନିଜେ ସାରା ରାତି କଷ୍ଟରେ ଯାପନ କରିଥିଲେ ଏବଂ ଏହି ସବୁ ଉଦାହରଣ ଶୁଣି ସ୍ୱେଚ୍ଛାସେବୀମାନେ କାଦୁଅରେ ଫସି ରହିଥିବା ଗାଡ଼ି ଗୁଡ଼ିକୁ ସ୍ୱୟମ ବାହାର କରୁଥିଲେ ଏବଂ କାଦୁଅ ପଙ୍କକୁ ବା ପ୍ରତିକୂଳ ପରିସ୍ଥିତିକୁ ଭ୍ରୁକ୍ଷେପ କରୁନଥିଲେ ।

ବୋଧହୁଏ ଏହି ଭାଇଚାରାର ଅଭାବରୁ ଆଜି ଅନ୍ୟ ମୁସଲମାନମାନେ ଦୁନିଆରେ ଅପମାନିତ ହେଉଛନ୍ତି । କିନ୍ତୁ ଖଲିଫତୁଲ୍ ମସିହ୍ ଆମକୁ ଏହାର ସମାଧାନ ବତାଇ ଦେଇଛନ୍ତି ।

ଆଲ୍‌ବାନିୟାରୁ ସମଦ୍ ଘୋରୀ ସାହେବ ଉଲ୍ଲେଖ କରିଛନ୍ତି ଜଣେ ବନ୍ଧୁ ଡ଼ାକ୍ତର ବୟାର ସାହେବ କୁହନ୍ତି ମୁଁ ଉପସ୍ଥିତ ଖଲିଫାଙ୍କ ଉଦ୍‌ବୋଧନ ବ୍ୟତିତ ଜଲ୍‌ସା ସାଲାନ ୟୁକେର ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଦେଖିଲି । ଆଜିକାଲି ସାମ୍ପ୍ରତିକ ଯୁଗରେ ଜଲ୍‌ସା ସାଲାନା ଲୋକଙ୍କ ମାର୍ଗଦର୍ଶନ ପାଇଁ ଏକ ପ୍ରମୁଖ ଆବଶ୍ୟକତା ହୋଇପଡ଼ିଛି । ସେ କୁହନ୍ତି ଉପସ୍ଥିତ ଖଲିଫାଙ୍କ ଉଦ୍‌ବୋଧନୀ ଅତ୍ୟନ୍ତ ସରଳ ବାକ୍ୟରେ ଆଧାରିତ ଥିଲା । କିନ୍ତୁ ସାଂପ୍ରତିକ ପରିସ୍ଥିତି ସମ୍ପର୍କରେ ଏହା ଏକ ଭବ୍ୟ ବାର୍ତ୍ତା ଓ ସନ୍ଦେଶ ଥିଲା । ଏଭଳି ସମୟରେ ଯେତେବେଳେ ସମସ୍ତ ନିତିନିୟମକୁ ଲୋକେ ପଦଦଳିତ କରୁଦେଉଛନ୍ତି ବା ଅଣଦେଖା କରୁଛନ୍ତି ମାନବତାକୁ ତା'ର ଅଧିକାର ପ୍ରଦାନ କରିବା ଓ ସଂସାରବାସୀଙ୍କୁ ଉଦ୍ଧାର କରିବା, ତାଙ୍କୁ ସଚେତନ କରିବା ପରିପ୍ରେକ୍ଷୀରେ ଏହା ଏକ ବିଶେଷ ଉଦ୍‌ବୋଧନ ଥିଲା । ଠିକ୍ ଏହି ସମୟରେ ଏହି ବାକ୍ୟଟି ସାଂସାରିକ ବ୍ୟକ୍ତିମାନଙ୍କୁ ଜାଗ୍ରତ କରିବାପାଇଁ ଉପଯୁକ୍ତ ଅଟେ । ପ୍ରକୃତରେ ଏହି ସିଦ୍ଧାନ୍ତ ୧୫୦୦ ବର୍ଷ ପୂର୍ବେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଉପସ୍ଥାପିତ କରିଥିଲେ । ଆଜି ଏହି ସିଦ୍ଧାନ୍ତର ନମୁନା ଯମାତ୍ ଅହେମଦିୟା ଉପସ୍ଥାପନ କରୁଅଛି । ଚଳିତ ବର୍ଷ ଯମାତ୍ ଅହେମଦିୟାରେ ହ୍ୟୁମାନିଟି ଫାଷ୍ଟ ଆଫ୍ରିକାର ଅଭାବି ଓ ଦରିଦ୍ର ଅଂଚଳରେ ସେବା କରିବାର ଦୃଶ୍ୟ ମତେ ଗଭୀର ଭାବରେ ପ୍ରଭାବିତ କରିଛି । ଏହି ପିଲାମାନଙ୍କର ଚମକୁଥିବା ଓ ଆଖି ବାସ୍ତବତା ଉପରୁ ପରଦା ଉଠାଉଥିଲା ଯେ ସେମାନଙ୍କ ଆଗରେ ପୃଥିବୀର ବଡ଼ ବଡ଼ ରାଜନେତାମାନଙ୍କର ଶବ୍ଦ ଓ ଯୋଜନା ସବୁ ତୁଚ୍ଛ ଓ ନଗଣ୍ୟ ମନେ ହେଉଥିଲା । ସେହି ଆଖି ଜୀବନ ଯିଇବାକୁ ଇଚ୍ଛା ପ୍ରକାଶ ବା ଇଚ୍ଛା ଜାଗ୍ରତ କରିଦେଇଥିଲା ଯେ, ଜଳ ହିଁ ଜୀବନ ଏବଂ ସେହି ଜଳଟିକିଏ ପାଇ ସେମାନେ ବହୁତ ଖୁସି ହେଉଥିଲେ ।

ଜଲ୍‌ସା ସାଲାନା ଅବସରରେ ଯେଉଁ ଅଭିବାଦନମୂଳକ ଶୁଭେଚ୍ଛା ସନ୍ଦେଶ ହସ୍ତଗତ ହୋଇଛି ତହିଁରେ, ୟୁ.କେ ବ୍ୟତୀତ ୯ଟି ଦେଶର ପ୍ରମୁଖ ବ୍ୟକ୍ତିତ୍ୱମାନେ ମୋଟ୍ ୧୦୯ଟି ସନ୍ଦେଶ ପ୍ରେରଣ କରିଛନ୍ତି । ତନ୍ମଧ୍ୟରେ ଭିଡ଼ିଓ ବାର୍ତ୍ତା, ଅଡ଼ିଓ ସନ୍ଦେଶ ଓ ଲିଖିତ ସନ୍ଦେଶ ରହିଛି । ୟୁକେ ବ୍ୟତିତ ଅନ୍ୟ ଯେଉଁ ଦେଶଗୁଡ଼ିକରୁ ସନ୍ଦେଶ ଆସିଛି ତନ୍ମଧ୍ୟରେ ସେରେଲିଓନ୍, ଗ୍ୟାମ୍ବିୟା, ସେନିଗାଲ୍, ସ୍ପେନ୍, ହଲାଣ୍ଡ, ଜର୍ମାନୀ ଆଦି ଦେଶ ଅନ୍ତର୍ଭୁକ୍ତ । ୟୁକେର ପ୍ରଧାନମନ୍ତ୍ରୀ, କାନାଡ଼ାର ପ୍ରଧାନମନ୍ତ୍ରୀ, ପୁଣି ୟୁ.କେ ଲେବର ପାର୍ଟିର ସଦସ୍ୟ Lib Dems ଲିଡ଼ର ସେହିପରି ଅନ୍ୟ କେତେକ ରାଜନେତା ରହିଛନ୍ତି । ପୁନଶ୍ଚ ଆଠଜଣ ମନ୍ତ୍ରୀ, ଲଣ୍ଡନର ଚାରିଜଣ ପୂର୍ବତନ ରାଜ୍ୟ ସଚିବ, ପୋଲିସ କମିଶନ୍‌ର, ୬ ଜଣ ଜାତିୟ ଧାର୍ମିକ ନେତା ଓ ୧୩ ଜଣ ମେୟରଙ୍କର ସନ୍ଦେଶ ହସ୍ତଗତ ହୋଇଛି । ଏହା ବ୍ୟତିତ ବିଭିନ୍ନ ଉଚ୍ଚ ସ୍ତରୀୟ ବ୍ୟକ୍ତିବିଶେଷଙ୍କର ସନ୍ଦେଶ ମଧ୍ୟ ମିଳିଛି । ଏମ୍‌ଟିଏ ଆଫ୍ରିକାର ଏ ରିପୋର୍ଟ ହସ୍ତଗତ ହୋଇଛି ଯେ, ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏମ୍‌ଟିଏ ଆଫ୍ରିକା ମାଧ୍ୟମରେ ସମଗ୍ର ଆଫ୍ରିକା ମହାଦେଶରେ ଜଲ୍‌ସା ସାଲାନା ୟୁକେର ପ୍ରସାରଣ ଦେଖିବା ଓ ଶୁଣିବାକୁ ମିଳିଥିଲା ଫଳତଃ ଲୋକମାନଙ୍କର ମତାମତ ହସ୍ତଗତ ହୋଇଛି । ଅଲ୍ଲାଃ ତାଲାଙ୍କ କୃପାରୁ ଏମ୍‌ଟିଏ ଆଫ୍ରିକା ବ୍ୟତୀତ ଜଲ୍‌ସା ସାଲାନା ୟୁକେର କେତେକ ପ୍ରସାରଣ ଅନ୍ୟାନ୍ୟ କେତେକ ଆଂଚଳିକ ଟି.ଭି ଚ୍ୟାନେଲ୍‌ରେ ମଧ୍ୟ ପ୍ରସାରଣ କରାଯାଇଥିଲା ।

ଚଳିତ ବର୍ଷ ଗାମ୍ବିୟା, ସେରେଲିଓନ, ଲାଇବେରିଆ, ୟୁଗାଣ୍ଡା, ମାଲି, ରୱାଣ୍ଡା, ବରୁଣ୍ଡି, ସେନେଗାଲ୍, ବୁର୍କିନାଫାସୋର ୧୪ଟି ଟିଭି ଚ୍ୟାନେଲ୍‌ରେ ମୋର ଖୁତ୍‌ବାର ସିଧାପ୍ରସାରଣ ଦେଖାଯାଇଥଲା । ଏକ ଆକଳନ ଅନୁଯାୟୀ ୫୫ ମିଲିୟନ୍‌ରୁ ଉର୍ଦ୍ଧ୍ୱ ଲୋକଙ୍କ ନିକଟରେ ଇସ୍‌ଲାମ୍‌ର ସନ୍ଦେଶ ପହଂଚିଲା । କୋରନା ରୋଗ ଯୋଗୁଁ ଆଫ୍ରିକାର ଯେଉଁ ଆନ୍ତରାଜ୍ୟ ଅତିଥିମାନେ ଅଂଶଗ୍ରହଣ କରିପାରିନଥିଲେ ସେମାନେ କହୁଥିଲେ ଯେ ଆମକୁ ମଧ୍ୟ ସାମିଲ ହେବାପାଇଁ ସୁଯୋଗ ପ୍ରଦାନ କରାଯାଉ ।

ହାଉସା ଭାଷାରେ ପ୍ରଥମଥର ଅନୁବାଦ କରାଯାଇଥିଲା । ଆଫ୍ରିକାର ୫୦ ଲକ୍ଷରୁ ଉର୍ଦ୍ଧ ଲୋକେ ଆଫ୍ରିକାର ୧୬ଟି ଟି.ଭି ଚ୍ୟାନେଲ୍‌ରେ ଜଲ୍‌ସା ସାଲାନା ୟୁକେ ସଂପର୍କରେ ସମ୍ବାଦ ପ୍ରସାରଣ କରିଥିଲେ । ଏହି ଚ୍ୟାନେଲ୍‌କୁ ଦେଖିଥିବା ଦର୍ଶକମାନଙ୍କ ସଂଖ୍ୟା ୬୦ ଲକ୍ଷରୁ ଉର୍ଦ୍ଧ ଅଟେ । ୟୁଗାଣ୍ଡାରୁ ମିସ୍‌ନାରୀ ଜକି ସାହେବ ଉଲ୍ଲେଖ କରିଛନ୍ତି ଯେ, ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଯମାତ୍ ବିରୁଦ୍ଧରେ । ପ୍ରପୋଗଣ୍ଡା ଆରମ୍ଭ କରିଦିଆଯାଇଥାଏ । ଜଲ୍‌ସା ପୂର୍ବରୁ ବିରୋଧିମାନେ କୁହନ୍ତି ଯେ, ଅହେମଦିମାନଙ୍କର କୁର୍‌ଆନ୍ ଭିନ୍ନ ତେଣୁ ଅହେମଦୀମାନଙ୍କର ଜଲ୍‌ସା ଶୁଣନ୍ତୁ ନାହିଁ । ଯେତେବେଳେ ସେହି ଆଲେଖ୍ୟ ପ୍ରକାଶ କରାଗଲା ଲୋକମାନେ ଜଲ୍‌ସା ଶୁଣନ୍ତୁ ସେତେବେଳେ ବିରୁଦ୍ଧିମାନେ ମଧ୍ୟ କୁମନ୍ତ୍ରଣା ଆରମ୍ଭ କରିଦେଇଥିଲେ ଓ ଲୋକମାନଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରିଥିଲେ ଯେ, ସେମାନଙ୍କ ଜଲ୍‌ସା ଶୁଣନ୍ତୁ ନାହିଁ । ଏହି କୁମନ୍ତ୍ରଣା ଫଳରେ ୟୁଗାଣ୍ଡାରେ ଏକ ବୃହତ ସଂଖ୍ୟକ ଲୋକମାନଙ୍କ ମନରେ ଜଲ୍‌ସା ପ୍ରତି ଦୃଷ୍ଟି ଆକର୍ଷିତ ହୋଇଥିଲା ଓ ଲୋକମାନେ ସେମାନଙ୍କ ବିରୁଦ୍ଧରେ ଯାଇ ଏହି କଥାର ପରିପ୍ରକାଶ କରିଥିଲେ ଯେ ଯମାତ୍ ବିରୁଦ୍ଧରେ ଏହି କୁମନ୍ତ୍ରଣା ମାନ ଚାଲିଛି ଏବଂ ତାହା ହିଁ ଆମକୁ ଏଥିପ୍ରତି ଦୃଷ୍ଟି ଆକର୍ଷିତ କରିଛି, ଆମ ଧ୍ୟାନ କେନ୍ଦ୍ରିତ କରିଛି । ଆମ ଭିତରେ ଜିଜ୍ଞାସା ଜାତ ହୋଇଛି ଯେ ଜଲ୍‌ସା ଦେଖିବା ପରେ ଆମମାନଙ୍କ ହୃଦୟ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି ଏବଂ ଆମେମାନେ ଜାଣିପାରିଛୁ ଯେ ଅହେମଦୀମାନଙ୍କର କୁର୍‌ଆନ୍ ଭିନ୍ନ ନୁହେଁ ବରଂ ଆମମାନଙ୍କ ନିକଟରେ ଯେଉଁ କୁର୍‌ଆନ୍ ରହିଛି ଠିକ୍ ସେହିପରି କୁର୍‌ଆନ୍ ହେଉଛି ସେମାନଙ୍କର କୁର୍‌ଆନ୍ । ଆମମାନଙ୍କ ତୁଳନାରେ ସେମାନେ ଅର୍ଥାତ ଅହେମଦୀମାନେ ପବିତ୍ର କୁର୍‌ଆନ୍‌କୁ ସର୍ବାଧିକ ପ୍ରେମ କରୁଛନ୍ତି ।

ୟୁଗାଣ୍ଡାରୁ ଜଣେ କ୍ୟାଥୋଲିକ ବନ୍ଧୁ ଉଲ୍ଲେଖ କରିଛନ୍ତି । ମୁଁ ୟୁଗାଣ୍ଡାର ଜାତିୟ ଟିଭି ଚ୍ୟାନେଲ୍‌ରେ ବିଜ୍ଞାପନ ଦେଖିଲି ଯେ, ୟୁକେରେ କୌଣସି ଇସ୍‌ଲାମିୟ କନ୍‌ଫରେନ୍ସ ଅନୁଷ୍ଠିତ ହେଉଅଛି । ତେଣୁ ମୁଁ ନିଜ ମନରେ ଏହା ସ୍ଥିର କଲି ଯେ ଚାଲ ଦେଖିବା କେମିତି କନ୍‌ଫରେନ୍ସ ଅନୁଷ୍ଠିତ ହେଉଛି । ସୁତରାଂ ଶନିବାର ଦିନ ଟିଭି ଚ୍ୟାନେଲ ଲଗାଇଲି । ଧବଳ ପଗଡ଼ି ଧାରି ଜଣେ ବ୍ୟକ୍ତିଙ୍କୁ ଦେଖିଲି ଯିଏ ଉଦ୍‌ବୋଧନ ଦେଉଥିଲେ । ଯେତେବେଳେ ମୁଁ ତାଙ୍କର ଉଦ୍‌ବୋଧନ ଶୁଣିବା ଆରମ୍ଭ କଲି ସେତେବେଳେ ମୁଁ ଆଉ ଟିଭି ସମ୍ମୁଖରୁ ଉଠିପାରିଲି ନାହିଁ ଏବଂ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାଙ୍କ ବକ୍ତୃତା ଶୁଣିଲି । ସେ କହିଲେ ଯେ, ନାରୀମାନଙ୍କ ସମ୍ପର୍କରେ କେଉଁଠି ବି ଇସ୍‌ଲାମିୟ ଶିକ୍ଷା ବିଷୟରେ ଚର୍ଚ୍ଚା କରାଯାଇନାହିଁ । ଏଭଳି ଶିକ୍ଷା ଉଲ୍ଲେଖ କରାଯାଇନାହିଁ ଏବଂ ମୁଁ କୌଣସି ବ୍ୟକ୍ତିକୁ ନାରୀମାନଙ୍କ ଅଧିକାର ପ୍ରସଙ୍ଗରେ ଏଭଳି ସ୍ୱର ଉତୋଳନ କରୁଥିବାର କେବେ ବି ଶୁଣିନଥିଲି । ସେ ସେତିକିବେଳେ ସ୍କ୍ରିନ ଉପରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କଲେ ଓ କହିଲେ, ମୋତେ ଏହି ମହିଳାମାନଙ୍କ ଉପରେ ଦିଆଯାଇଥିବା ଉଦ୍‌ବୋଧନର ସ୍କ୍ରିପ୍ଟ ଦରକାର । ସୁତରାଂ ତାଙ୍କୁ ଇନ୍‌ଶାଅଲ୍ଲାଃ ତାଲା ଏହି ସ୍କ୍ରିପ୍ଟ ପ୍ରେରଣ କରିଦିଆଯିବ ।

ଜଣେ ଅଣଅହେମଦୀ ବନ୍ଧୁ ଅବ୍‌ଦୁଲ୍ଲାଃ କୋଇ ସାହେବ ଲାଇବେରିୟାରୁ ଉଲ୍ଲେଖ କରନ୍ତି: ଜଲ୍‌ସାର କାର୍ଯ୍ୟକ୍ରମକୁ ଦେଖିବାର ମତେ ସୁଯୋଗ ମିଳିଲା ମୁଁ ଅହେମଦି ମୁସଲମାନଙ୍କ ମଧ୍ୟରେ ଏବଂ ଅଣ ଅହେମଦୀ ମୁସଲମାନମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଆଜି ଜାଣିପାରିଲି । ମୋ ଉପରେ ଏହା ସ୍ପଷ୍ଟ ହେଲା ଯେ, ଯମାତ୍ ଅହେମଦିୟା ସମ୍ପର୍କରେ ଅଣଅହେମଦି ବିଦ୍ୱାନମାନେ ଯେଉଁ ଅପପ୍ରଚାର କରୁଛନ୍ତି ତାହାର ବାସ୍ତବତା କଣ । ଜଲ୍‌ସା ଦେଖିସାରିବା ପରେ ମୋର ଦୃଢ଼ ବିଶ୍ୱାସ ହୋଇଗଲା ଯେ ଯମାତ୍ ଅହେମଦିୟା ବିରୁଦ୍ଧରେ ସମସ୍ତ ମୁଫ୍‌ତିମାନେ କୁମନ୍ତ୍ରଣା କରୁଛନ୍ତି । ପ୍ରକୃତରେ ଜମାତ୍ ଅହେମଦିୟା ହିଁ ଇସ୍‌ଲାମ୍‌ର ପ୍ରକୃତ ସନ୍ଦେଶ ପୃଥିବୀବାସୀଙ୍କ ନିକଟରେ ପହଂଚାଉଛି । ମୁଁ ନିଜର ଦାୟିତ୍ୱକୁ ଭଲ ଭାବରେ ବୁଝିଛି ଅନ୍ୟ ଲୋକମାନଙ୍କୁ ମଧ୍ୟ ଏହାର ବାସ୍ତବିକତାକୁ ଅବଗତ କରାଇବି । କାରଣ ଯମାତ୍ ଅହେମଦିୟା ହିଁ ପ୍ରକୃତରେ ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର କରୁଛି ।

ଲାଇବେରିୟାରୁ ଜଣେ ଅଣଅହେମଦୀ ମଧ୍ୟ ସେହି ସମାନ କଥା କହିଥିଲେ । ଧାର୍ମିକ ସଦ୍‌ଭାବନା ଯୋଗୁଁ ଜଲ୍‌ସାର କାର୍ଯ୍ୟକ୍ରମ ଦେଖିବାପାଇଁ ସାମିଲ ହୋଇଥିଲି । ଯେତେବେଳେ ମୁଁ ଷ୍ଟେଜ୍ ଉପରେ ଉଲ୍ଲେଖିତ ଥିବା ପବିତ୍ର କୁର୍‌ଆନ୍‌ର ଆୟତ ପଢ଼ିଲି ସେତେବେଳେ ଏହା ମୋ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଜନକ ବିଷୟ ଥିଲା ଯେ, ଅହେମଦୀମାନଙ୍କ ସମ୍ପର୍କରେ ଅଣଅହେମଦୀ ବିଦ୍ୱାନମାନେ ଏହା ଅପପ୍ରଚାର କରୁଛନ୍ତି ଯେ, ଅହେମଦୀମାନେ ରସୁଲେ କରିମ୍ ସ:ଆ:ସଙ୍କୁ ଖାତ୍‌ମୁନ୍ ନବିୟୀନ୍ ବୋଲି ସ୍ୱୀକାର କରୁନାହାନ୍ତି ଏବଂ ତାଙ୍କୁ ସମ୍ମାନ ପ୍ରଦାନ କରୁନାହାନ୍ତି କିନ୍ତୁ ଏହି ସମସ୍ତ କଥାର ବିପରୀତ ଅହେମଦୀମାନେ ତ ସମଗ୍ର ପୃଥିବୀରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପ୍ରେମର ଚର୍ଚ୍ଚା କରୁଛନ୍ତି ତାଙ୍କୁ ସବୁଠାରୁ ଅଧିକ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରୁଛନ୍ତି ଏବଂ ଏହି ପ୍ରେମମୟ ବାକ୍ୟ ଟି ହିଁ ତାହାର ଜ୍ୱଳନ୍ତ ପ୍ରମାଣ ଅଟେ ।

ଏକଥାକୁ ମୁଁ ମଝିରେ ବର୍ଣ୍ଣନା କରିଦେଲି । ଏବେ ମୁଁ ପ୍ରେସ୍ ଏବଂ ମିଡ଼ିଆ କଥା ବର୍ଣ୍ଣନା କରୁଛି । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲାଙ୍କ କୃପାରୁ ଗଣମାଧ୍ୟମ ମାଧ୍ୟମରେ ମଧ୍ୟ ବ୍ୟାପକ କଭ୍‌ରେଜ୍ ହୋଇଥିଲା । ବି.ବି.ସି ନିଜର ଆଂଚଳିକ ଟି.ଭି ଚ୍ୟାନେଲ୍ ବି.ବି.ସି ସାଉଥ୍‌ରେ ଏକ ଡ଼କ୍ୟୁମେଂଟାରୀ ପ୍ରସାରଣ କଲା ଏବଂ ରିପୋର୍ଟ ଅନୁଯାୟୀ ବି.ବି.ସି ୱାର୍ଲଡ଼ ମଧ୍ୟ ଜଲ୍‌ସା ସାଲାନାର ପ୍ରସାରଣ କରିଥିଲା ଯାହାକୁ ୨୦୦ ଦେଶର ଲୋକେ ଦେଖିଥିଲେ । ଏହା ବ୍ୟତିତ ବିବିସି ନ୍ୟାଶ୍‌ନାଲ୍ ନ୍ୟୁଜ ଚ୍ୟାନେଲ୍‌ରେ ମଧ୍ୟ ଏହି ଖବର ପ୍ରସାରଣ ହୋଇଥିଲା ଏବଂ ବାରମ୍ବାର Repeat ମଧ୍ୟ କରାଯାଉଥିଲା । ସେ କୁହନ୍ତି ନିର୍ଦ୍ଦିଷ୍ଟ ରୂପେ କେତେ ସଂଖ୍ୟକ ଲୋକମାନଙ୍କ ନିକଟରେ ଯମାତ୍‌ର ଏହି ସନ୍ଦେଶ ପହଂଚିଲା ଏହା କହିବା କଷ୍ଟକର କିନ୍ତୁ ଏକ ଆକଳନ ଅନୁଯାୟୀ ୫୨ ମିଲିୟନ୍ ଲୋକଙ୍କ ନିକଟରେ କଭ୍‌ରେଜ ପହଂଚିଥିବ । ୪୦ ଟି ୱେବସାଇଟ ଜଲ୍‌ସା ସାଲାନାର ଖବର ପ୍ରସାର କରିଥିଲେ । ତାଙ୍କର ନିଜସ୍ୱ ପାଠକଙ୍କ ସଂଖ୍ୟା ୨୭ ମିଲିୟନ୍ । ଜଲ୍‌ସା ସମ୍ପର୍କରେ ୧୬ଟି ରେଡ଼ିଓ ଚ୍ୟାନେଲ୍‌ରେ ମଧ୍ୟ ପ୍ରସାରଣ କରାଯାଇଥିଲା ଯାହାକୁ ୧୬ ଲକ୍ଷ ଲୋକ ଶୁଣିଥିଲେ । ୨୦ଟି ଖବର କାଗଜରେ ଜଲ୍‌ସା ସଂପର୍କରେ ଆର୍ଟିକିଲ୍ (ପ୍ରବନ୍ଧ) ଆଦି ପ୍ରକାଶିତ ହୋଇଥିଲା ଯାହାର ପାଠକମାନଙ୍କ ସଂଖ୍ୟା ୭ ଲକ୍ଷ ୩୫ ହଜାର । ସେହିପରି ୧୨ଟି ଟି.ଭି ଚ୍ୟାନେଲ୍‌ରେ ଜଲ୍‌ସାର ଖବର ପ୍ରସାରଣ କରାଯାଇଥିଲା ଏବଂ ଏହାକୁ ୨୨ ଲକ୍ଷ ଲୋକେ ଶୁଣିଥିଲେ । ଏହି ସମସ୍ତ ମାଧ୍ୟମ ବ୍ୟତୀତ ଶୋସିଆଲ୍ ମିଡ଼ିଆ ମାଧ୍ୟମରେ ମଧ୍ୟ ପ୍ରାୟ ୬୩ ଲକ୍ଷ ଲୋକଙ୍କ ନିକଟରେ ଜମାତ୍‌ର ସନ୍ଦେଶ ଓ ବାର୍ତ୍ତା ପହଂଚିଥିଲା ।

ବାଂଲାଦେଶର ରାଜଧାନୀ ଢ଼ାକାର ଅମୀର ସାହେବ କୁହନ୍ତି ଯେ, ଢ଼ାକାର କେନ୍ଦ୍ରୀୟ ମସ୍‌ଜିଦ୍ ସ୍ଥିତ ନାରାୟଣଗଞ୍ଜ, ବ୍ରହ୍ମନ୍ ବାଡ଼ିୟା ଏବଂ ଚିଟାଗଙ୍ଗ ପ୍ରଭୃତି ଜମାତ୍‌ରେ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକେ ଜଲ୍‌ସାରେ ସାମିଲ ହୋଇଥିଲେ । ସେ କୁହନ୍ତି ଏକ ରିପୋର୍ଟ ଅନୁଯାୟୀ ୮୦୦ରୁ ଉର୍ଦ୍ଧ୍ୱ ଅଣଅହେମଦୀ ଅତିଥିମାନେ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିଥିଲେ ଏବଂ ସେଥିରୁ ଉପକୃତ ହୋଇଥିଲେ । ପୁନଶ୍ଚ କହନ୍ତି ଯେ, ବାଂଲାଦେଶର ଦଶଟି ଅନ୍‌ଲାଇନ୍ ପୋର୍ଟାଲ୍‌ରେ ଏବଂ ସମ୍ବାଦପତ୍ରରେ ଜଲ୍‌ସାର ଖବର ସଚିତ୍ର ପ୍ରକାଶିତ ହୋଇଥିଲା । ତନ୍ମଧ୍ୟରେ ତିନୋଟି ପ୍ରମୁଖ ଓ ପ୍ରସିଦ୍ଧ ସମ୍ବାଦପତ୍ର ରହିଛି । ଅତ୍ୟନ୍ତ ସତର୍କତାର ସହିତ ଜଗି ରଖି ଯଦି କୁହାଯାଏ ତା'ହେଲେ ଏକ ଆକଳନ ଅନୁଯାୟୀ ଅନ୍‌ଲାଇନ୍ ପୋର୍ଟାଲ ଏବଂ ସମ୍ବାଦପତ୍ର ମାଧ୍ୟମରେ ଆନୁମାନିକ ୫୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କ ନିକଟରେ ଯମାତ୍ ଅହେମଦିୟାର ସନ୍ଦେଶ (ଖବର) ପହଂଚିଥିଲା ।

ଏମ୍‌ଟିଏ ଇଂଟରନ୍ୟାସନାଲ୍ ମାଧ୍ୟମରେ ଯେଉଁ କଭ୍‌ରେଜ୍ କରାଯାଇଥିଲା

କେବଳ ୟୁଟ୍ୟୁବ୍‌ରେ ୧୫ ଲକ୍ଷରୁ ଉର୍ଦ୍ଧ ଲୋକମାନେ ଓ୍ୱେବସାଇଟ୍‌କୁ ଭିଜିଟ୍ କରିଥିଲେ ପ୍ରାୟ ୫ ଲକ୍ଷ ଘଂଟା ୟୁଟ୍ୟୁବ୍ ମାଧ୍ୟମରେ ଏମ୍‌ଟିଏ ପ୍ରସାରଣ ଦେଖିଛନ୍ତି । ଇନ୍‌ଷ୍ଟାଗ୍ରାମ୍‌ରେ ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକମାନେ ଏମ୍‌ଟିଏ ପ୍ରସାରଣ ଦେଖିଛନ୍ତି ଏବଂ ଏକ ଦଶମିକ ନଅ ସାତ (୧.୯୭) ମିଲିୟନ୍ ଲୋକ ଭିଜିଟ୍ (ଅବଲୋକନ) କରିଥିଲେ । ଟୁଇଟର୍‌ରେ ମଧ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନେ ଏମ୍‌ଟିଏ ପେଜ୍ ଦେଖିଛନ୍ତି । ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକମାନେ ଏହାକୁ ପସନ୍ଦ କରିଛନ୍ତି ଏବଂ ଅନ୍ୟମାନଙ୍କୁ ଫରଓ୍ୱାର୍ଡ଼ ଏବଂ ଶେୟାର୍ ମଧ୍ୟ କରିଛନ୍ତି । ଫେସ୍‌ବୁକ୍ ମାଧ୍ୟମରେ ସାଢ଼େ ପାଂଚ ଲକ୍ଷ ଲୋକଙ୍କ ନିକଟରେ ଜମାତ୍ ଅହେମଦିୟାରର ସନ୍ଦେଶ ପହଂଚିଥିଲା । ସେହିପରି ଏମ୍‌ଟିଏର ନିଜସ୍ୱ ଅଫିସିଆଲ୍ ଓ୍ୱେବ୍ ସାଇଟ୍‌କୁ ମଧ୍ୟ ଏକ ଲକ୍ଷ ଥର ଦେଖାଯାଇଛି । ଏମ୍‌ଟିଏ ଅନ୍ ଡ଼ିମାଣ୍ଡ ମାଧ୍ୟମରେ ମଧ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକମାନେ ଜଲ୍‌ସା ଦେଖିଥିଲେ । ଏହା ତ' ସଂକ୍ଷିପ୍ତ ଚର୍ଚ୍ଚା ଥିଲା ଯାହାକୁ ମୁଁ ବର୍ଣ୍ଣନା କଲି । ଅଲ୍ଲାଃ ତାଲା ଜଲ୍‌ସାର ବିଭୁତି ଓ ଆଶିଷ ଆମମାନଙ୍କୁ ପ୍ରଦାନ କରନ୍ତୁ ଓ ପୂଣ୍ୟଆତ୍ମାମାନଙ୍କୁ ଅହେମଦିୟତ୍ ଓ ପ୍ରକୃତ ଇସ୍‌ଲାମ୍ ଆଡ଼କୁ ଟାଣି ଆଣନ୍ତୁ । ନାମକୁ ମାତ୍ର ବୋଲାଉଥିବା ବିଦ୍ୱାନମାନଙ୍କ ଉପଦ୍ରବରୁ ଯାମତ୍ ଅହେମଦିୟାକୁ ସୁରକ୍ଷିତ ରଖନ୍ତୁ । ସମସ୍ତ ପୂଣ୍ୟ ଆତ୍ମାମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ପ୍ରଭୁ ରଖିଥାନ୍ତୁ । ଆମିନ୍ ।।

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ସୁଧ କାରବାର ହୋଇଥାଏ, ତାହା ପରିବର୍ତ୍ତେ ଏହି ସ୍କିମ୍ ଗୁଡ଼ିକରେ ଅର୍ଥ ବିନିଯୋଗ କରାଯାଇଅଛି ଯେଉଁଠି ପୁଞ୍ଜିକୁ କଲ୍ୟାଣକାରୀ ଚାରିଟିବୁଲ୍ କାର୍ଯ୍ୟରେ ଅର୍ଥ ବିନିଯୋଗ ହେବା ଯୋଗୁଁ ସରକାର ଏହାକୁ ସୁଧମୁକ୍ତ ଘୋଷଣା କରିଛନ୍ତି । ବା ଅତିକମ୍‌ରେ ତାହା ବ୍ୟାଙ୍କ ତୁଳନାରେ ନିଶ୍ଚିତ ଅଧିକ ଲାଭଦାୟକ ବ୍ୟବସାୟ ତ କରୁନାହାନ୍ତି)

ଗୋଟିଏ ସାମ୍ଭାବ୍ୟ ଏହା ବି ହୋଇପାରେ ଯେ ଜମାତ୍ ନିଜର ପୁଞ୍ଜି ଦ୍ୱାରା ନିଜେ ଏପରି ବ୍ୟବସାୟର ଯୋଜନା ପ୍ରସ୍ତୁତ କରୁ ଯାହା ନିଶ୍ଚିତ ଭାବରେ ସୁଧରୁ ମୁକ୍ତ ହୋଇଥିବ । କିନ୍ତୁ ଦେଶର ସାମ୍ପ୍ରତିକ ବାତାବରଣ, ଯାହା ଦେଇ ଆମ ଜମାତ ଅତିକ୍ରମ କରୁଅଛି, ଏପରି ବିନିଯୋଗ ପାଇଁ ଏବେ ସମୟ ଅନୁକୂଳ ନାହିଁ ।

ଏହିପରି ଜାତୀୟ ସଂଚୟ ଯୋଜନାରେ ବିନିଯୋଗ କରିବା ଏକ ଜରୁରୀକାଳୀନ ରୂପ ରଖୁଅଛି । ଏହାର ବିପରୀତ ପୁଞ୍ଜି ବିନିଯୋଗ କରିବା ପାଇଁ ଆମ ଦେଶରେ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ରହେମୁଲ୍ଲାଃ ସଦର ଅଞ୍ଜୁମନ୍ ଅହେମଦୀୟା ପାକିସ୍ତାନର ଉପରୋକ୍ତ ସୁଫାରିଶ୍ ଗୁଡ଼ିକୁ ୧୩ ଅଗଷ୍ଟ ୧୯୮୭ ମସିହା ନିଜ ଅନୁମୋଦିତ (ମଞ୍ଜୁର) କରି ଲେଖିଲେ: ''ଠିକ୍ ଅଛି'' ।

⌘⌘⌘⌘⌘⌘⌘⌘⌘⌘

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ଼୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**

(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 16-23 Sep 2021 Issue No. 37-38

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ନିଜର ନମୁନା ଏପରି ଉପସ୍ଥାପନ କରନ୍ତୁ ଯେ ଥଟ୍ଟା ପରିହାସ କରୁଥିବା ଲୋକମାନେ ଆପେ ଆପେ ନୀରବ ହୋଇଯିବେ । ସେମାନେ ଏହା ଦେଖିବେ ଯେ ଆମେମାନେ ତ' ଏମାନଙ୍କୁ ଥଟ୍ଟା ପରିହାସ କରୁଅଛୁ କିନ୍ତୁ ଏମାନେ ତ' ଆମକୁ ପ୍ରକୃତ ଇସ୍‌ଲାମୀୟ ଶିକ୍ଷା ଦେଉଛନ୍ତି ।

ପ୍ରତ୍ୟେକ ମୁରବୀ ଓ ମୁବଲ୍ଲିଗ୍ ଯେବେ କର୍ମକ୍ଷେତ୍ରକୁ ଯାଉଛନ୍ତି, ସେମାନଙ୍କୁ ଆବଶ୍ୟକ ଯେ, ସେମାନେ ଏ ପ୍ରତିଜ୍ଞା କରନ୍ତୁ କି ଆଜିଠାରୁ ଆମେ ତହଜ୍ଜୁଦ୍ ନମାଜ ପାଠ କରିବା କେବେ ବି ଛାଡ଼ିବୁ ନାହିଁ ।

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

### ଭାଗ : ୪

**ପ୍ରଶ୍ନ-** ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ କିଛି ହଦିସ୍ ପେଶ୍ କଲେ । ସେଥିରେ ପୁରୁଷମାନଙ୍କୁ ଲୁହା ନିର୍ମିତ ମୁଦି ପିନ୍ଧିବାକୁ ମନା କରାଯାଇଛି । ସେ ଏ ସମ୍ବନ୍ଧରେ ହଜୁରଙ୍କ ଠାରୁ ମାର୍ଗଦର୍ଶନ ଚାହିଁଲେ ଏବଂ ସେଥିରେ ଯୁବ ପିଢ଼ି ଫେଶନ୍ ପାଇଁ କଙ୍କଣ ହାତରେ ପିନ୍ଧୁଛନ୍ତି, ସେ ବିଷୟ ମଧ୍ୟ ଚର୍ଚ୍ଚା କଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୪ ଡ଼ିସେମ୍ବର ୨୦୧୬ରେ ଏହି ପ୍ରଶ୍ନର ନିମ୍ନଲିଖିତ ଉତର ପ୍ରଦାନ କରିଛନ୍ତି:-

**ଉତର:-** ମୁଁ ଏ ସମ୍ବନ୍ଧରେ ଅନୁସନ୍ଧାନ କରାଇଛି । ଆପଣଙ୍କ ଦ୍ୱାରା ପଠାଯାଇଥିବା ହଦିସ୍ ସୁନନେ ଅବି ଦାଉଦ୍‌ରେ ବର୍ଣ୍ଣନା ହୋଇଛି । ଯେବେ କି ସହି ବୁଖାରୀରେ ଏପରି କିଛି ହଦିସ୍ ମିଳୁଅଛି, ଯେଉଁଥିରେ ଉଲ୍ଲେଖ ଅଛି ଯେ ହଜୁର ସ:ଆ:ସ ଜଣେ ସାହାବିଙ୍କୁ କହିଛନ୍ତି ଯେ ଲୁହା ମୁଦିକୁ ହକ୍ ମହର୍ ଆକାରରେ ପ୍ରଦାନ କରି ଜଣେ ମହିଳାଙ୍କୁ ବିବାହ କରିନିଅ । ସେହିପରି ସୁନନେ ଅବି ଦାଉଦ୍‌ରେ ଏ ହଦିସ୍ ମଧ୍ୟ ରହିଛି ଯେ ହଜୁର ସ:ଆ:ସଙ୍କ ନିଜ ହାତରେ ମୁଦି ଲୁହା ନିର୍ମିତ ଥିଲା ଯାହା ଉପରେ ରୂପା ପାଣି ଚଢ଼ା ଯାଇଥିଲା ।

ଉପର ବର୍ଣ୍ଣିତ ହଦିସ୍‌କୁ ବ୍ୟାଖ୍ୟା କରି ହଦିସ୍‌ର ବିଶେଷଜ୍ଞ ଓ୍ୱଲେମାମାନେ ଏକଥା ଲେଖିଛନ୍ତି ଯେ ଲୁହା ମୁଦି ପିନ୍ଧା ନ ଯିବାର ହଦିସ୍‌ଟି ଜଇଫ୍ ଅର୍ଥାତ ଦୁର୍ବଳ ଅଟେ । ପୁଣି ଲେଖିଛନ୍ତି ଯେ ଯଦି ଲୁହା ମୁଦି ପିନ୍ଧିବା ହରାମ୍ (ଅବୈଦ) ହୋଇଥାନ୍ତା ତା'ହେଲେ ହଜୁର ସ:ଆ:ସ ଯେଉଁଭଳି ପୁରୁଷମାନଙ୍କୁ ସୁନା ଜିନିଷ ପିନ୍ଧିବାକୁ ମନା କରିଛନ୍ତି, ସେହିଭଳି ଲୁହା ପିନ୍ଧିବାକୁ ମଧ୍ୟ ସ୍ପଷ୍ଟ ଭାବରେ ମନା କରିଦେଇଥାନ୍ତେ ।

ଏଠାରେ ଯୁବକମାନେ ନିଜ ହାତରେ ଯେଉଁ କଙ୍କଣ (ବ୍ରେସ୍‌ଲେଟ୍) ପିନ୍ଧୁଛନ୍ତି, ଏମିତି ବି ଏହା ଗୋଟିଏ ଅପସନ୍ଦ କାର୍ଯ୍ୟ । ତେଣୁ ଯୁବକମାନଙ୍କୁ ଏଥିପ୍ରତି ସଚେତନ କରି ଆପଣ ବହୁତ ଭଲ କାମ କରିଛନ୍ତି । ଅଲ୍ଲାଃ ଆପଣଙ୍କୁ ଏହାର ଉତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍

**ପ୍ରଶ୍ନ:-** ଜଣେ ମୁରବୀ ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଲେଖିଲେ ଯେ ଈଦୈନ୍ (ଦୁଇଟିଯାକ ଈଦ୍) ଅବସରରେ କିଛି ଲୋକେ ମସ୍‌ଜିଦ୍‌ରେ ଆସି ଈଦ୍ ନମାଜ ପୂର୍ବରୁ ତଥା ପରେ ନଫିଲ୍ ନମାଜ ପଢ଼ିଥାନ୍ତି । ଏ ସମ୍ବନ୍ଧରେ ମାର୍ଗଦର୍ଶନ କରିବାକୁ ନିବେଦନ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୪ ଅକ୍ଟୋବର ୨୦୧୭ରେ ମୁରବୀ ସାହେବଙ୍କୁ ଯେଉଁ ଉତର ଦେଇଥିଲେ ଓ ଏ ପ୍ରସଙ୍ଗରେ ଇନ୍ତେଜାମିଆକୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହା ନିମ୍ନରେ ଦିଆଯାଇଅଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ:-

**ଉତର:-** ନମାଜ ଈଦ୍ ପୂର୍ବରୁ ନଫିଲ୍ ପଢ଼ିବା ମନା ଅଛି । ଏହା ହଦିସ୍‌ରୁ ପ୍ରମାଣିତ । କିନ୍ତୁ ଈଦ୍ ନମାଜ ପରେ ଯଦି ଓ୍ୱକ୍‌ତେ ମମ୍‌ନୁଉ ଅର୍ଥାତ ନମାଜ ନ ପଢ଼ିବା ପାଇଁ ଯେଉଁ ସମୟ ରହିଛି, ଯଦି ସେ ସମୟ ନଥିବା ତା'ହେଲେ ଘରେ ଯାଇ ନମାଜ ପଢ଼ିପାରିବେ । ଏଥିରେ କୌଣସି ଅସୁବିଧା ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ:- ମୁଁ ଜେନେରାଲ୍ ସେକ୍ରେଟାରୀ ସାହେବଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଦେଇଛଇ ଯେ ଯେଉଁ ଲୋକମାନେ ଈଦ୍ ଦିନ ଈଦ୍ ନମାଜ ପୂର୍ବରୁ ମସ୍‌ଜିଦ୍‌ରେ ପହଂଚି ନଫିଲ୍ ନମାଜ ପଢ଼ିବା ଆରମ୍ଭ କରିଦେଇଛନ୍ତି, ସେହି ଲୋକମାନଙ୍କୁ ଏପରି ନ କରିବାପାଇଁ ଈଦ୍ ନମାଜ ପୂର୍ବରୁ ମସ୍‌ଜିଦ୍‌ମାନଙ୍କରେ ନିୟମିତ ଘୋଷଣା କରନ୍ତୁ ।

**ପ୍ରଶ୍ନ:-** ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ପତ୍ର ଲେଖି ଏହା ଜାଣିବା ପାଇଁ ଅନୁରୋଧ କଲେ ଯେ ଈଦୈନ୍‌ର ନମାଜ ପଢ଼ିବା ବାଧ୍ୟତାମୂଳକ କି ନୁହେଁ ଏବଂ ନମାଜ ପଢ଼ାଉଥିବା ସମୟରେ ଯଦି କୌଣସି ରେକାତ୍‌ରେ ଇମାମ୍ ତକ୍‌ବିରାତ୍ ପଢ଼ିବା ଭୁଲିଯାଏ ତା'ହେଲେ ସେଥିଯୋଗୁଁ ସଜ୍‌ଦାଃ ସହୁ କରିବା କି ନାହିଁ?

ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୧ ନଭେମ୍ବର ୨୦୧୭ରେ ଉକ୍ତ ପ୍ରଶ୍ନର ଯେଉଁ ଉତର ଦେଇଛନ୍ତି, ତାହା ନିମ୍ନରେ ଦିଆଗଲା । ହଜୁର କହିଛନ୍ତିଁ:-

**ଉତର:-** ଈଦୈନ୍ (ଦୁଇଟିକା ଈଦ୍)ର ନମାଜ ହେଉଛି ସୁନ୍ନତେ ମୌଅକଦାଃ (ଅର୍ଥାତ ଯେଉଁ କାର୍ଯ୍ୟକୁ ରସୁଲୁଲ୍ଲାଃ ସ:ଆ:ସ ନିଶ୍ଚିତ ରୂପେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି) । ହଜୁର ସ:ଆ:ସ ଏପରି ମହିଳାମାନଙ୍କୁ ଈଦ୍‌ଗାଃରେ ମୁସଲମାନମାନଙ୍କ ଦୁଆରେ ସାମିଲ ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଯେଉଁମାନଙ୍କୁ ବିଶେଷ ମାସିକ ଧର୍ମ ଯୋଗୁଁ ନମାଜ ପଢ଼ିବାକୁ ବାରଣ କରାଯାଇଅଛି । ଅର୍ଥାତ ଯେଉଁମାନଙ୍କ ନିମନ୍ତେ ନମାଜ ବାଧ୍ୟତାମୂଳକ ନୁହେଁ । ପୁଣି ଇମାମ୍‌ଙ୍କ ତକ୍‌ବିରାତ୍ ଭୂଲି ଯିବାର ଯେଉଁଠି ପ୍ରଶ୍ନ ଉଠୁଛି, ଏପରି ସ୍ଥଳେ ମୁକ୍‌ତଦି ଅର୍ଥାତ ଇମାମ୍‌ଙ୍କ ପଛରେ ନମାଜ ପାଠ କରୁଥିବା ଲୋକମାନେ ତାହା ମନେପକାଇ ଦିଅନ୍ତୁ । କିନ୍ତୁ ମୁକ୍‌ତଦି ମନେ ପକାଇବା ସତ୍ୱେ ମଧ୍ୟ ଯଦି ଇମାମ୍ କୌଣସି ତକ୍‌ବିରାତ୍ ନ କୁହନ୍ତି ତା'ହେଲେ ମୁକ୍‌ତଦିମାନେ ଇମାମ୍‌ଙ୍କୁ ଅନୁସରଣ କରି ଈଦ୍ ନମାଜ ପଢ଼ନ୍ତୁ । ତକ୍‌ବିରାତ୍ ଭୂଲି ଯିବା ଯୋଗୁଁ ଇମାମ୍‌ଙ୍କୁ ସଜ୍‌ଦାଃ ସହୁ କରିବାର ଆବଶ୍ୟକ ନାହିଁ ।

**ପ୍ରଶ୍ନ:-** ସରକାରି ବ୍ୟାଙ୍କଗୁଡ଼ିକର ଅର୍ଥ ଜମା କରିବା ଓ ସେହି ଅର୍ଥରୁ ମିଳୁଥିବା ଲାଭକୁ ନିଜର ଆବଶ୍ୟକତା ପୂରଣ କରିବା ସମ୍ବନ୍ଧରେ ମୋହତରମ୍ ନାଜିମ୍ ସାହେବ ଦାରୁଲ୍ ଇଫ୍‌ତାଆ ରବୁଓ୍ୱାଙ୍କ ଏକ ପ୍ରଶ୍ନର ଉତର ଦେଇ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୨ ନଭେମ୍ବର ୨୦୧୭ରେ ନିମ୍ନ ଲିଖିତ ଉତର ଦେଇଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ:-

**ଉତର:-** ଏ ପ୍ରସଙ୍ଗରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ରହେମୁଲ୍ଲାଃ ତାଲାଙ୍କ ଖିଲାଫତ୍ ସମୟଯେ ଯେଉଁ ନିଷ୍ପତି ହୋଇଥିଲା, ମୋର ମତ ବି ତାହା ଅନୁରୁପ ।

(ନୋଟ୍:- ହଜ୍‌ରତ୍ ଖଲିଫତୁଲ୍ ମସିହ ଚତୁର୍ଥ ରହେମୁଲ୍ଲାଃ ତାଲାଙ୍କ ଖିଲାଫତ୍ ସମୟରେ ଏ ପ୍ରସଙ୍ଗରେ ଯେଉଁ ନିଷ୍ପତି ହୋଇଥିଲା ତାହା ନିମ୍ନରେ ଉପସ୍ଥାପନ କରାଯାଉଅଛି)

ହଜ୍‌ରତ୍ ଖଲିଫତୁଲ୍ ମସିହ ଚତୁର୍ଥ ରହେମୁଲ୍ଲାଃ ତାଲା ଖିଲାଫତ୍ ସମୟରେ ସଦର୍ ଅଞ୍ଜୁମନ୍ ଅହେମଦୀୟା ପାକିସ୍ତାନ ତରଫରୁ ଏ ପ୍ରସଙ୍ଗରେ ନିମ୍ନଲିଖିତ ସୁପାରିଶଗୁଡ଼ିକ ହଜୁର ରହେମୁଲ୍ଲାଃଙ୍କ ସେବାରେ ଉପସ୍ଥାପନ କରାଯାଇଥଲା ।

ସଦର୍ ଅଞ୍ଜୁମନ୍ ଅହେମଦିୟା ବ୍ୟାଙ୍କ ଗୁଡ଼ିକରେ ଜମା କରାଯାଇଥିବା ଅର୍ଥରାଶି ଉପରେ କୌଣସି ପ୍ରକାରର ସୁଧ ଦେଉନାହିଁ । ସେହିଭଳି PFର ଅର୍ଥରାଶିକୁ ଏପରି ବ୍ୟାଙ୍କଗୁଡ଼ିକରେ ଜମା କରାଯାଉନାହିଁ । ଯେଉଁ ବ୍ୟାଙ୍କଗୁଡ଼ିକର ଆମଦାନିର ଜରିଆ ସୁଧ ଉପରେ ପର୍ଯ୍ୟବେଶିତ । ବରଂ ସରକାରଙ୍କ ଜାତୀୟ ସଂଚୟ ଯୋଜନା ଅନ୍ତର୍ଗତ ଜାତିୟ ଅନୁଷ୍ଠାନରେ ବିନିଯୋଗ କରାଯାଇଛି । ଏହି ଅନୁଷ୍ଠାନଗୁଡ଼ିକ ନିଜର ପୁଞ୍ଜିକୁ ଜାତିୟ କଲ୍ୟାଣ କାର୍ଯ୍ୟରେ ନିବେଶ କରିଥାଏ । (ନା ସୁଧ କାରବାରରେ ) ସେଥିଯୋଗୁଁ ଅର୍ଥନୀତି ବୃଦ୍ଧି ପାଇଥାଏ ଓ ରୋଜଗାର ପାଇଁ ଅଧିକା ସୁଯୋଗ ସୃଷ୍ଟି ହୋଇଥାଏ । ସେଥିଯୋଗୁଁ ତାହା ସରକାରୀ ରାଜସ୍ୱକୁ ବୃଦ୍ଧି କରିଥାଏ । ଏହିପରି ସରକାର ଜମାକାରୀମାନଙ୍କୁ ମଧ୍ୟ ନିଜର ଲାଭରେ ଅଂଶୀଦାର କରନ୍ତି । ଯେତେବେଳେ ଜମାକାରୀମାନଙ୍କୁ ଏହାର ଆବଶ୍ୟକ ହୋଇଥାଏ, ସେତେବେଳେ ସେ ସେହି ଅର୍ଥରାଶିକୁ ଫେରାଇ ନେଇଥାଏ ।

ବ୍ୟାଙ୍କ ଏବଂ ଜାତିୟ ସଂଚି ପାଣ୍ଠିର ସ୍କିମ୍‌ରେ ଥିବା ଏହି ପାର୍ଥକ୍ୟ ଆଧାରରେ ହଜ୍‌ରତ୍ ଖଲିଫତୁଲ୍ ମସିହ ତୃତୀୟ ରହେମୁଲ୍ଲାଃ ତାଲାଙ୍କ ଅନୁମତି କ୍ରମେ ସେହି ଜାତୀୟ ଅନୁଷ୍ଠାନରେ PFର ଅର୍ଥରାଶିକୁ ବିନିଯୋଗ କରାଯାଇଅଛି । ସେହିପରି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥ ରହେମୁଲ୍ଲାଃ ତାଲାଙ୍କ ଅନୁମତି କ୍ରମେ ବିଲାଲ୍ ଫଣ୍ଡ ଓ ତଜ୍‌କିୟା ଅମ୍‌ଓ୍ୱାଲେ ଫଣ୍ଡର ଅର୍ଥରାଶି ସଂଚ ସ୍କିମ୍‌ରେ ନିବେଶ କରାଯାଇଅଛି ।

ମୁଫ୍‌ତି ଅହେମଦିୟା (ହଜ୍‌ରତ୍ ମଲକ୍ ସଏଫୁର୍ ରହ୍‌ମାନ୍ ରହେମୁଲ୍ଲାଃ ତାଲା)ଙ୍କ ନିକଟରେ ମଧ୍ୟ ସରକାର ଯେଉଁ ସଂଚୟପାଣ୍ଠି ଜାରି କରିଛନ୍ତି, ସେଥିରେ ଭାଗ ନେଇ ହେବ । ସେ ଲେଖିଛନ୍ତି:-

''ଯଦି କିଏ ଏହା ଚାହାନ୍ତି ଯେ ସରକାର ଯେଉଁ ସଂଚୟ ସ୍କିମ୍ ଜାରି କରିଛନ୍ତି, ସେଥିରେ ନିବେଶ କରିବା ପାଇଁ, ସେ ସେଥିରେ ନିବେଶ କରିପାରନ୍ତି ଓ ସେଥିରୁ ଯେଉଁ ଲାଭ ମିଳିଥାଏ, ତାହା ନିଜର ଆବଶ୍ୟକତାରେ ବ୍ୟବହାର କରିପାରିବେ ।''

ଏତଦ୍‌ବ୍ୟତୀତ ପାକସ୍ତାନ୍‌ରେ ବର୍ତମାନ କୌଣସି ବିକଳ୍ପ ବ୍ୟବସ୍ଥା କିମ୍ବା ସୁରକ୍ଷିତ ଅନୁଷ୍ଠାନ ନାହିଁ ଯେ ଯେଉଁ ଅନୁଷ୍ଠାନରେ ଲୋକମାନେ ସନ୍ତୁଷ୍ଟତାର ସହ ନିଜର ପୁଞ୍ଜି ସୁରକ୍ଷିତ ରହୁଥିବ, ଲାଭଦାୟକ ହୋଇଥିବ ବା ଯଦି ଲାଭଦାୟକ ହୋଇନଥିବ ତେବେ ଅତିକମ୍‌ରେ ସମୟ ଅତିବାହିତ ହେବା ସହିତ ଟଙ୍କାର ମୂଲ୍ୟହ୍ରାସ ଯୋଗୁଁ ପୁଞ୍ଜି ପ୍ରଭାବିତ ହେଉନଥିବ । (ସେଥିଯୋଗୁଁ ବ୍ୟାଙ୍କଗୁଡ଼ିକରେ ଯେଉଁଠି ଟଙ୍କା ଦେଶ ଦେଶରେ ସ୍ପଷ୍ଟ ଭାବରେ

*କ୍ରମଶଃ......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan